ଧରିତ୍ରୀ
DHARITRI
February 25- March 2, 2024 ₹ 2/-

# ଛୁଟିଦିନ

## ପିଲାବେଳ ଧୂଳିଖେଳ



**ପ୍ରଚ୍ଛଦ ପ୍ରସଙ୍ଗ**

୩

ପିଲାଦିନ ଧୂଳିଖେଳ ; ଯାହାର ସ୍ମୃତି ସହଜରେ ପାସୋରି ହୁଏନା ; ଆଉ ଯାହାକୁ ପାସୋରି ପାରି ନାହାନ୍ତି ଏମାନେ। ବ୍ୟସ୍ତମୟ ଜୀବନ ଭିତରେ ବି ପିଲାଦିନ କଥା ପଚାରିଦେଲେ ଆନମନା ହୋଇ ବଖାଣି ବସନ୍ତି କେତେ କଥା। କିନ୍ତୁ ଏଭଳି ମିଠା ଅନୁଭବର କଥା ଆମ ପିଲାଙ୍କ ଭିତରେ ଯେ କେତେ ରହିବ, ସେକଥା ସତରେ ପ୍ରଶ୍ନବାଚୀ।





# ମୟୂରପୁଚ୍ଛକୁ ନେଇ ବାସ୍ତୁ ଉପଚାର

**ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରିୟ ମୟୂରପୁଚ୍ଛକୁ ସୌଭାଗ୍ୟର ପ୍ରତୀକ ବୋଲି ବି କୁହାଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହାକୁ ଘରେ ରଖିଲେ ଅନେକ ବାସ୍ତୁ ସମସ୍ୟା ମଧ୍ୟ ଠିକ୍ ହୋଇଯାଏ ବୋଲି ବିଶ୍ୱାସ କରାଯାଏ।**

* ଘରର ଦକ୍ଷିଣ-ପୂର୍ବ ଦିଗରେ ମୟୂରପୁଚ୍ଛ ରଖିବା ସବୁଠୁ ଉତ୍ତମ ହୋଇଥାଏ। ଏହା ଘରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରିବାରେ ସାହାଯ୍ୟ କରିଥାଏ।

* କିନ୍ତୁ ଘରେ ରାହୁ ଦୋଷ ଥିଲେ ୮ଟି ମୟୂରପୁଚ୍ଛକୁ ଘରର ଉତ୍ତର-ପୂର୍ବ ଦିଗରେ ଥିବା କବାଟରେ ଲଗାଇଦେଲେ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଧାନଦେବେ ଯିବା ଆସିବା ସମୟରେ ଯେମିତି ସମସ୍ତଙ୍କର ଦୃଷ୍ଟି ଏହି କବାଟ ଉପରେ ପଡୁଥିବ।

* ଘରେ ଟଙ୍କା ପଇସାର ଅଭାବ ଦେଖାଯାଉଥିଲେ, ଶୁଭଦିନ ଦେଖି ଘରକୁ ମୟୂରପୁଚ୍ଛ କିଣିଆଣି ଠାକୁର ଘରେ ରଖିଦେବେ। ଆଉ କିଣିଲାବେଳେ ପ୍ରଭୁ ଶ୍ରୀ କୃଷ୍ଣଙ୍କର ନାମ ନେଇ ମୟୂରପୁଚ୍ଛ କିଣିଲେ ଘରେ କୁଆଡ଼େ ଧନର ଅଭାବ ରହେନାହିଁ ବୋଲି ବାସ୍ତୁଶାସ୍ତ୍ରରେ



କୁହାଯାଇଛି।

* ଉତ୍ତର ଦିଗର ସ୍ୱାମୀ ହେଲେ କୁବେର। ତେଣୁ ଏହି ଦିଗରେ ଟ୍ରେଜେରି ହେଉ ଅବା ଆଲମିରା ରଖିବା ଶୁଭ। କିନ୍ତୁ ଯଦି ଭୁଲ୍‌ବଶତଃ ଘରର ଦକ୍ଷିଣ ଦିଗରେ ଏହା ରହିଯାଇଛି, ତା'ହେଲେ ଆଲମିରା ହେଉ ଅବା ଟ୍ରେଜେରି ଭିତରେ ମୟୂରପୁଚ୍ଛକୁ ସିଧା ଭାବେ ଠିଆ କରି ରଖିଦେଲେ ; ଘରେ ଧନର ଅଭାବ ଦେଖାଯାଇ ନଥାଏ ବୋଲି ବିଶ୍ୱାସ ରହିଛି।

* ପିଲାଙ୍କ ଷ୍ଟଡି ରୁମ୍ ହେଉ ଅଥବା ସେମାନଙ୍କ ପଢା ଟେବୁଲ୍ ଉପରେ ମୟୂରପୁଚ୍ଛଟିଏ ରଖିଦେଲେ ସେମାନଙ୍କର ଏକାଗ୍ରତା ବୃଦ୍ଧି ପାଇବା ସହ ପାଠ ଭଲ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୨୫-ମାର୍ଚ୍ଚ୨

**ମେଷ**: ଶାରୀରିକ ସୁସ୍ଥତା, ନୂତନ କର୍ମାରମ୍ଭ, ବନ୍ଧୁ ସହଯୋଗ ପ୍ରାପ୍ତି, ପ୍ରୋତ୍ସାହନ ମିଳିବ, ପାରିବାରିକ ଅଶାନ୍ତି, ଦୂରଯାତ୍ରାର ଯୋଜନା, ମୂଲ୍ୟବାନ ଦ୍ରବ୍ୟ ଲାଭ, ଉପରିସ୍ଥଙ୍କ ଚାପ, କୈଫିୟତ୍ ତଲବ, ମିତ୍ରବନ୍ଧୁ ମିଳନ ॥

**ବୃଷ**: କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପଦମର୍ଯ୍ୟାଦା ବୃଦ୍ଧି, ଦୃଢ ନିଷ୍ପତି ନେବେ, ନୂତନ ସମ୍ପର୍କାରମ୍ଭ, ଆଇନ ସହାୟତା ପାଇବେ, ପାରିବାରିକ ସୌହାର୍ଦ୍ଦ୍ୟ, ଗବେଷଣାରେ ସଫଳତା, ବନ୍ଧୁଙ୍କ ସାହାଯ୍ୟପ୍ରାପ୍ତି ॥

**ମିଥୁନ**: ବୈଷୟିକ ଅଭିବୃଦ୍ଧି, କାର୍ଯ୍ୟସିଦ୍ଧରୁ ଆନନ୍ଦ, ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁ ମିଳନ, ପରିବାରର ଖର୍ଚ୍ଚ ଭାର ବୃଦ୍ଧି, ପରିବହନରେ ସମସ୍ୟା, ଗୃହସୀମା ବିବାଦ, ଯାନବାହନରେ ତ୍ରୁଟି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ॥

**କର୍କଟ**: ପାରିବାରିକ ଶାନ୍ତି, ସରକାରୀ ସହାୟତାପ୍ରାପ୍ତି, ତୀର୍ଥାଟନର ସୁଯୋଗ, କଳାସାହିତ୍ୟରେ ଉନ୍ନତି, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନୀ, ଶିଳ୍ପବାଣିଜ୍ୟରେ ଉନ୍ନତି, ସହକର୍ମୀଙ୍କ ବିରୋଧ, ବିଳାସପ୍ରିୟ ହେବେ ॥

**ସିଂହ**: ଆର୍ଥିକ ସଂକଟ, ଭାବପ୍ରବଣତା ବୃଦ୍ଧି, ପାରିବାରିକ ଝଗଡା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସମ୍ମାନ, ସମସ୍ୟା ସମାଧାନ, ଦୂରଯାତ୍ରାରେ ସଫଳତା, ଯାନ୍ତ୍ରିକ ଜିନିଷ କ୍ରୟ, ସନ୍ତାନଙ୍କ କୃତିତ୍ୱ, ଋଣ ପରିଶୋଧ, ବିଦେଶଯାତ୍ରାର ସୁଯୋଗ ॥

**କନ୍ୟା**: ସ୍ଥଗିତ କର୍ମାରମ୍ଭ, ପାରିବାରିକ ସମର୍ଥନ, ବନ୍ଧୁଙ୍କ ସହାନୁଭୂତି, ବକେୟା ଅର୍ଥପ୍ରାପ୍ତି, ମାମଲାର ଫଇସଲା, କ୍ରନିକ୍ ରୋଗର ପୀଡା ବଢ଼ିବ, ଖୁସିଖବର ପାଇବେ, ସତ୍‌ସଙ୍ଗର ସୁଯୋଗ, ପ୍ରଶାସନିକ ଅସ୍ଥିରତା, ବ୍ୟବସାୟିକ ସଫଳତା, ବିବାଦରେ ବିଜୟ ॥

**ତୁଳା**: ସ୍ୱାଭାବିକ ଦୁର୍ବଳତା, ବନ୍ଧୁଙ୍କ ସହାନୁଭୂତି, ବନ୍ଧୁପ୍ରସ୍ତାବ ଆସିବ, ଗୃହ ନବୀକରଣ, ସ୍ୱାଧୀନ ମନୋବୃତି, ସାମାଜିକ ପ୍ରତିଷ୍ଠା, ସହକର୍ମୀଙ୍କ ଅନୁରକ୍ତି, ପ୍ରଶାସନିକ ସଫଳତା, ଯାନବାହନରେ ତ୍ରୁଟି, ନିର୍ମାଣରେ ବାଦାନୁବାଦ, ଶତ୍ରୁତାର ଅବସାନ ॥

**ବିଛା**: ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ପରାମର୍ଶ, ଲକ୍ଷ୍ୟପୂରଣରେ ବାଧା, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, ଧର୍ମକାର୍ଯ୍ୟ କରିବେ, ପାରିବାରିକ ସୌଖ୍ୟ, ବସ୍ତ୍ର ଆଭୂଷଣପ୍ରାପ୍ତି, ମାନସିକ ସୁସ୍ଥତା, ପରୋପକାରରୁ ପ୍ରଶଂସା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେବେ।

**ଧନୁ**: କର୍ମକ୍ଷେତ୍ରରେ ବିବାଦ, ପାରିବାରିକ ବିଶୃଙ୍ଖଳା, ଭାରାକ୍ରାନ୍ତ ମନ, ଉଚ୍ଚବର୍ଗଙ୍କ ସମାଲୋଚନା, ଶାରୀରିକ ଅସୁସ୍ଥତା, ନୂତନ ପ୍ରକଳ୍ପାରମ୍ଭ, ରଚନାତ୍ମକ କାମ, ଆର୍ଥିକ ସ୍ୱଚ୍ଛଳତା, ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ, ଇଚ୍ଛା ବିରୁଦ୍ଧ କାର୍ଯ୍ୟ,ବନ୍ଧୁଙ୍କ ନିମନ୍ତ୍ରଣ ॥

**ମକର**: ଅପ୍ରିୟସତ୍ୟ ଭାଷଣ, ବନ୍ଧୁଙ୍କ ଲଘୁ କ୍ରୋଧ, ଭ୍ରାତୃ ବିବାଦ, ପାରିବାରିକ ମତାନ୍ତର, ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ, ବାଣିଜ୍ୟରେ ପ୍ରତିବନ୍ଧକ, ସହକର୍ମୀଙ୍କ ବିଶ୍ୱାସ ଘାତକତା, ନିର୍ମାଣରେ ଦ୍ୱନ୍ଦ୍ୱ, ମାଙ୍ଗଳିକ କାମ ଆରମ୍ଭ, ସଙ୍ଗୀତ ସାଧନାରେ ରୁଚି, ଆର୍ଥିକ ଦୂରବସ୍ଥା ॥

**କୁମ୍ଭ**: ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ବୁଝାମଣାରେ ଅଗ୍ରଗତି, ସାଂଗଠନିକ କାର୍ଯ୍ୟ, ସନ୍ତାନଙ୍କ ସମସ୍ୟା, ସରକାରୀ ସାହାଯ୍ୟ, ସମସ୍ୟା ସମାଧାନ, ସ୍ଥଗିତ ଯାତ୍ରାରମ୍ଭ, ଦୈହିକ ଦୁର୍ବଳତା, ଜନକଲ୍ୟାଣ କାର୍ଯ୍ୟ କରିବେ, ବିଳାସବ୍ୟସନ ପ୍ରତି ଆସକ୍ତି ॥

**ମୀନ**: ସାହସିକ ପଦକ୍ଷେପ, ସହାନୁଭୂତି ଲାଭ, ବୁଝାମଣାରେ ଉନ୍ନତି, ନୂତନସମ୍ପର୍କ ସୃଷ୍ଟି, ଅଧା ପନ୍ତରିଆ କାମ, ବ୍ୟୟବୃଦ୍ଧିରୁ ଅଶାନ୍ତି, ବିଶ୍ୱାସରୁ ହଇରାଣ, ନୂତନ କର୍ମାରମ୍ଭ, ଆଇନ ସହାୟତା, ବିବାଦରେ ବିଜୟ, ଗୃହୋପଯୋଗୀ ଜମିଲାଭ ॥

# ସ୍ୱାସ୍ଥ୍ୟ ଓ ସୌଭାଗ୍ୟ ପାଇଁ ଲୁଣ

ଲୁଣ କେବଳ ରୋଷେଇରେ ବ୍ୟବହୃତ ହୁଏ ତାହା ନୁହେଁ। ଘରର ସୁଖ-ସମୃଦ୍ଧି ବୃଦ୍ଧି କରିବାରେ ତଥା ଶରୀରର ଥକ୍କାପଣକୁ ଦୂର କରିବାରେ ବି ଲୁଣର ବିଶେଷ ଭୂମିକା ରହିଛି। ଯେମିତିକି: ଲୁଣ ପାଣିରେ ଘର ପୋଛିଲେ ନକରାତ୍ମକ ଉର୍ଜ୍ଜା ନଷ୍ଟ ହୋଇ ଘରେ ଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ଅଛି। ଏହା ଖରାପ ନଜରରୁ ମଧ୍ୟ ବ୍ୟକ୍ତିଙ୍କୁ ସୁରକ୍ଷା ଦେଇଥାଏ। କୌଣସି ବ୍ୟକ୍ତି ବା ପିଲାଙ୍କୁ କାହାର



ଖରାପ ନଜର ଲାଗିଥିଲେ, କିଛି ଲୁଣକୁ ନେଇ ତାଙ୍କ ଚାରିପଟେ ତିନିଥର ବୁଲାଇ ତାହାକୁ ବାହାରେ ଫୋପାଡିଦେଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି। ରାତିରେ ଶୋଇବା ପୂର୍ବରୁ ପାଣିରେ କିଛି ଲୁଣ ମିଶାଇ ହାତପାଦ ଧୋଇଦେଲେ ଥକ୍କାପଣ ଦୂର ହେବା ସହ ନିଦ ଭଲ ହୋଇଥାଏ। ସେହିପରି ଘରେ କୌଣସି ବ୍ୟକ୍ତି ବହୁତ ଦିନ ରୋଗରେ ପଡିଥିଲେ, କାଚ ବୋତଲରେ ଲୁଣ ଭର୍ତ୍ତି କରି ତାଙ୍କ ଶେଯ ପାଖରେ ରଖି ସପ୍ତାହକୁ ସପ୍ତାହ ତାହାକୁ ବଦଳାଉଥିଲେ ଧୀରେ ଧୀରେ ରୋଗରୁ ଉପଶମ ମିଳିଥାଏ ବୋଲି ଜ୍ୟୋର୍ତିବିଦ୍‌ମାତେ ମତ ଦେଇଥାନ୍ତି। ଅନେକ ସମୟରେ ଦେଖାଯାଏ, ଘରେ କିଛି ବାସ୍ତୁଦୋଷ ଥିଲେ କିମ୍ବା ସର୍ବଦା କଳହ ଲାଗିବା ସହ ଅଭାବ ଦେଖା ଦେଉଥିଲେ କାଚ ଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖିଦେଲେ କ୍ରମେ ବାସ୍ତୁଦୋଷ ଆପେ ଆପେ ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି।

# ପାଠକୀୟ

* ପ୍ରେମରେ ପଡିଲେ ପ୍ରେମୀଯୁଗଳଙ୍କ ପାଇଁ ସାଥୀମୟ ହୋଇଯାଏ ଦୁନିଆ। ଦୁହେଁ ଦୁହିଁଙ୍କୁ ଏକାନ୍ତ ଭାବେ ପାଇବା ପାଇଁ ଯେକୌଣସି ଅସମ୍ଭବକୁ ବି ସମ୍ଭବ କରି ଦେଖାନ୍ତି। ନିଜ ପ୍ରିୟ ମଣିଷକୁ ନେଇ ଏମିତି ଏକ ସ୍ଥାନକୁ ଚାଲିଯିବାକୁ ଚାହାନ୍ତି, ଯେଉଁଠି ବାଧା ଦେବାକୁ କେହି ନଥିବେ। କେବଳ ସେ ହିଁ ସେ ଥିବେ। ତେଣୁ ଏଭଳି ଏକ ମନଛୁଆଁ ଆଲେଖ୍ୟକୁ ନେଇ ପ୍ରସ୍ତୁତ ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କେବଳ ତମେ ଓ ମୁଁ'ଟି ବେଶ୍ ହୃଦୟସ୍ପର୍ଶୀ ଥିଲା। 'ସୁଖଶାନ୍ତି ପାଇଁ', 'ସ୍ୱାସ୍ଥ୍ୟୋପଯୋଗୀ ଡାଳିମ୍ବ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସୁଚିତ୍ରା ଜେନା, ପାଣିକୋଇଲି, ଯାଜପୁର*

* ପ୍ରେମ ଓ ଭଲ ପାଇବାର ପବିତ୍ର ସମ୍ପର୍କକୁ ନେଇ ଗଢି ଉଠିଥିବା କିଛି ସତ ପ୍ରେମୀଯୁଗଳଙ୍କ ଜୀବନ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କେବଳ ତମେ ଓ ମୁଁ' ସତରେ ବେଶ୍ ଭଲ ଲାଗୁଥିଲା ପଢିବାକୁ। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗାଳ୍ପିକ ଓ ନାଟ୍ୟକାର କୃଷ୍ଣଚନ୍ଦ୍ର ତ୍ରିପାଠୀ ଏବଂ ପଦ୍ମଜା ଶରଣଙ୍କ ଅପୂର୍ବ ପ୍ରେମକାହାଣୀ ସମ୍ପର୍କରେ ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ନକ୍ଷତ୍ରର ଘର' ଶୀର୍ଷକ ଗପ ଏବଂ 'ସ୍ମୃତିରେ', 'ସ୍ପର୍ଶ' ଶୀର୍ଷକ କବିତା ଦୁଇଟି ବେଶ୍ ମନଛୁଆଁ ହୋଇଥିଲା।

*– ପାର୍ଥ ସାରଥି ମହାନ୍ତି, ସମ୍ବଲପୁର*

* ସିନେମା ପୃଷ୍ଠାରେ ସ୍ଥାନିତ 'ଭୋଟ', 'ରହସ୍ୟ ଖୋଲିଲେ ରବୀନା', 'ସନ୍ଦୀପ୍‌ଙ୍କ କ୍ୟାମ୍ପରେ ସଲମାନ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ନିଆରା ଥିଲା। ଲେଖିକା ଓ ପ୍ରକାଶିକା ଅମ୍ବିକା ସ୍ୱାଇଁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ମନଛୁଆଁ ହୋଇଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଥିଲା।

*– ରିତେଶ ରାୟ, ରାଉରକେଲା*

* 'ହାର୍ଟ ଇମୋଜି' ଶୀର୍ଷକ ଆଲେଖ୍ୟଟି ଯେତିକି ତଥ୍ୟପୂର୍ଣ୍ଣ ହୋଇଥିଲା ସେତିକି ମନଛୁଆଁ ବି ଲାଗୁଥିଲା। ମଡେଲ୍ ମିରର୍‌ରେ ତନୁଶ୍ରୀ-ଗୋଲ୍ଡିଙ୍କ ଯୋଡ଼ି ବେଶ୍ ଆକର୍ଷଣୀୟ ଦେଖାଯାଉଥିଲା। ହାଃ ହାଃ ବି ଖୁବ୍ ମଜାଦାର୍ ଲାଗୁଥିଲା। ସହରପୃଷ୍ଠାରୁ କେତେକ ଲୋକପ୍ରିୟ ରୋମାଣ୍ଟିକ୍ ଡେଷ୍ଟିନେଶନ ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ପ୍ରଭୁପାଦ ଦାଶ, ମୟୂରଭଞ୍ଜ*

* ବିବିଧା ପୃଷ୍ଠାରୁ 'ହାର୍ଟ ଶେପ୍‌ର ଇତିହାସ' ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ନକଲି' ଶୀର୍ଷକ ଆଲେଖ୍ୟଟି ବି ବେଶ୍ ମନଛୁଆଁ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଏ ବୟସରେ ସିକ୍ସ ପ୍ୟାକ୍', 'ଆଇସ୍‌କ୍ରିମ୍ ବୁକେ', 'ବରଫ ନୌକା' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ହେବା ସହ ତଥ୍ୟପୂର୍ଣ୍ଣ ହୋଇଥିଲା।

*– ଶ୍ରୀୟାଶଂ ମିଶ୍ର, ଚନ୍ଦନପୁର, ପୁରୀ*

## ବିଶେଷ ଚିଠି




ପ୍ରେମକୁ ନେଇ ଥିଲା
ଏଥରର ପ୍ରଚ୍ଛଦ,
ଯାହାର ଶୀର୍ଷକ ଥିଲା
କେବଳ 'ତମେ ଓ ମୁଁ'।
ଲାଗୁଥିଲା ଏହା ଭାରୀ ନିଆରା
ଦେଉଥିଲା ଭଲ ପ୍ରେମ ଇସାରା
ସେଥିପାଇଁ ଛୁଟିଦିନ ତୁମକୁ
ଏ ମନ ଭାରି ଝୁରିଲା।

*– ମମତା ମହାନ୍ତି,*
*ଚକ୍ରତୀର୍ଥ ରୋଡ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





# ପିଲାବେଳ, ଧୂଳିଖେଳ

ପିଲାଦିନ! କେବେ ଭୁଲି ହେଉ ନ ଥିବା ଅଭୁଲା ଦିନ। ଯାହାର ସ୍ମୃତି ବଞ୍ଚିଥିବା ଯାଏ ସହଜରେ ପାସୋରି ହୁଏନା। ସେହି ମଧୁର ସ୍ମୃତିକୁ ମଣିଷ ଝୁରି ହୁଏ, କାହିଁକି ନା ତାହା ଅଫେରା। ଚାହିଁଲେ ବି ସେହି ସମୟକୁ ଯାଇ ଫେରେଇଆଣି ହୁଏନି ବର୍ତ୍ତମାନ ପାଇଁ। କେବଳ ଅବସୋସ କରିହୁଏ ନିଜ ପିଲାକୁ ଦେଖି। ଭବିଷ୍ୟତ ଗଢ଼ିବାର ଚାପ ହେଉ କି ଶିକ୍ଷା ଆନୁଷ୍ଠାନର ଚାପ କିମ୍ବା ସମସ୍ତଙ୍କଠୁ ଆଗକୁ ଯିବାର ମାନସିକତା ରଖୁଥିବା ଅଭିଭାବକଙ୍କ ଚାପ ; ଯେଉଁଥିରେ ଚାପି ହୋଇଯାଉଛି କେବଳ ପିଲାଦିନ। ପଛରେ ରହିଯିବାର ଭାବ ଲିଭେଇ ଦେଇଛି ସେହି ଧୂଳିଖେଳର ପିଲା ଜୀବନ। ଆଜି ପିଲା ଖେଳୁଛନ୍ତି ସତ କିନ୍ତୁ ନିୟମରେ ବାନ୍ଧିହୋଇ। ମନଇଚ୍ଛା ଖେଳିବାର ସ୍ୱାଧୀନତା ଟିକକ ତାଙ୍କର ଛଡ଼େଇ ନେଇଛି ସମୟ। ଆଉ ଯାହା ଥିଲା ଛଡ଼େଇ ନେଲା ଟେକ୍ନୋଲୋଜି। ଆଜି ଆମ ବଡ଼ମାନଙ୍କ ଭିତରେ ପିଲାବେଳ ବୋଲି ଭାବିଦେଲେ ମନରେ ଯେଉଁ ପୁଲକ ଖେଳି ଯାଉଛି ସେହି ମିଠା ମଧୁର ଅନୁଭବ ସତରେ କ'ଣ ଆମ ପିଲାଙ୍କ ଭିତରେ ସେମିତି ରହିବ। ସେ ବେଳର ପିଲାବେଳ, ଧୂଳିଖେଳ, ବନ୍ଧୁବାନ୍ଧବ, ଯାନିଯାତ୍ରା, ଆପଣାପଣ ଏବେ ଆଉ କେତେ ଦେଖିବାକୁ ମିଳୁଛି? ଆସ୍ତେଆସ୍ତେ ହଜି ଯାଉଥିବା ପିଲାଦିନର ଏହି ସ୍ମୃତି କିନ୍ତୁ ଏବେ ବି ସତେଜ ହୋଇ ରହିଛି ଏମାନଙ୍କ ପାଖରେ। ଏମାନେ ସମସ୍ତେ ପ୍ରତିଷ୍ଠିତ ନିଜ ନିଜ କ୍ଷେତ୍ରରେ। ବ୍ୟସ୍ତମୟ ଜୀବନ ଭିତରେ କିନ୍ତୁ ପିଲାଦିନର କଥା ପଚାରିଦେଲେ ଆନମନା ହୋଇଯାନ୍ତି। ହସି ହସି ବଖାଣି ବସନ୍ତି ନିଜ ପିଲାଦିନର କଥା। ତାଙ୍କରି ସେହି କଥାକୁ ନେଇ ଏଥରର ପ୍ରଚ୍ଛଦ...

**ପିଲାଦିନ ହିଁ ଜୀବନର ସବୁଠାରୁ ଭଲଦିନ: ତପନ ପଣ୍ଡା**
**(ଉପ କୁଳପତି, କିଟ୍ ବିଶ୍ୱବିଦ୍ୟାଳୟ)**

ପିଲାଦିନ ହିଁ ଜୀବନର ସବୁଠାରୁ ଭଲ ଦିନ। ସେଠି ଛନ୍ଦ, କପଟ, ମାୟା କିଛି ବି ନ ଥାଏ । ଥାଏ କେବଳ ନିର୍ମଳ ଭଲପାଇବା ଆଉ ଜୀବନକୁ ଉପଭୋଗ କରିବାର ଅଦମ୍ୟ ଇଚ୍ଛା। ମୋର ଜନ୍ମ ନୟାଗଡ଼ରେ ହେଲେ ବି ପିଲାଦିନ ଜଟଣୀରେ କଟିଛି । ପ୍ରଥମରୁ ପଞ୍ଚମ ଯାଏ ନୟାଗଡ଼ରେ, ଆଉ ତା'ପରେ ଜଟଣୀରେ ! ନୟାଗଡ଼ର ପିଲାଦିନରେ ସରଳତା ଅଧିକ ଥିଲା । ବର୍ଷାଦିନରେ କଙ୍କି ଧରି ତା' ଗୋଡ଼ରେ ସୂତା ବାନ୍ଧି ନିଜର ସାମର୍ଥ୍ୟର ପରିଚୟ ଦେବା ଗୋଟିଏ ସୁନ୍ଦର ସ୍ମୃତି । ସାଙ୍ଗର ନୂଆ ଘର ତିଆରି ହେଉଥିଲା, ତେଣୁ ବାଲିରେ ଟିଣ ବାକ୍ସକୁ ପୋତି, ଡିଏଫଓ ଅଫିସ ପଛ ଆଡେ, ଅରମା କନିଅର ବଣରେ ପଶି, କଙ୍କି ଧରିବାର ମଜା ଏ ଯାଏ ମନରୁ ଯାଇନି । ତା' ସହ ନାଲି ଗୁଲୁଗୁଲୁ ସାଧବବୋହୂଙ୍କୁ ହାତ ପାପୁଲିରେ ଧରି, ସବୁଜ ଘାସ ଉପରେ ଚଲେଇବା ଆଉ ଏ ଜୀବନରେ ହେବ କି ନାହିଁ ସନ୍ଦେହ । ବିଭିନ୍ନ ପ୍ରକାର ଅଦ୍ଭୁତ ଖେଳ ଖେଳିବା ମଧ ପିଲାଦିନର ସ୍ମୃତିରେ ଲୁଚି ରହିଛି । ଟିକେ ବୟସ ବଢ଼ିବା ସାଙ୍ଗରେ ସମବୟସ୍କ ଝିଅଙ୍କୁ ଧମକେଇ ତାଙ୍କ ରଜଦୋଳିରେ ଖେଳିବା, ବର୍ଷା ଦିନରେ ଜରି କିମ୍ବା କନାକୁ ଅଖା ସୂତାରେ ଗୁଡେଇ, ଫୁଟବଲ ତିଆରି କରି କାଦୁଅରେ ଖେଳିବା, ଲମ୍ବା ଖରାଛୁଟିରେ ବୋର୍ ହୋଇ ଅଜା ଘର ବାରିଆଡେ ଡାଳମାଙ୍କୁଡ଼ି ଖେଳୁ ଖେଳୁ ପଞ୍ଚମଶ୍ରେଣୀ ହୋଇଗଲା । ସ୍କୁଲରେ କବାଡ଼ି, ଖୋଖୋ ସହ ଫୁଟବଲ ଖେଳିବା ଆରମ୍ଭ ହେଇଗଲା ! ସବୁଠୁ ଦୁଃଖର କଥା ଥିଲା ବୁଡ଼ିଯିବା ଭୟରେ ପହଁରା ନ ଶିଖିବା । ବାକି ସାଙ୍ଗମାନେ ପୋଖରୀରେ ଚିତ୍ ପହଁରା, ବୁଡ଼ା ପହଁରା ଆଉ କେତେ କ'ଣ ପ୍ରକାର ପହଁରା ଶିଖିଲା ବେଳେ ମୋ ଦେଇ କିଛି ପହଁରା ହେଲା ନାହିଁ ! ଖାଲି ଯାହା ଢୋକ ଢୋକ କରି ମଇଳା ପୋଖରୀ ପାଣି ପିଇବା ସାର ହେଲା । ଆଜିଯାଏ ଆଉ ପହଁରିବା ହେଲା ନାହିଁ । ପ୍ରାୟ ପଞ୍ଚମଶ୍ରେଣୀ ବେଳକୁ ନୂଆ କରି ଶିଖିଥିବା ଖେଳ ଭିତରେ ଥିଲା ଗିଲିଦଣ୍ଡା ଖେଳ – ମାଟିରେ ଛୋଟିଆ ଗାତ କରି ସେଥିରେ ଗିଲିଦଣ୍ଡା ଖେଳିବା ସବୁଠାରୁ ପସନ୍ଦ ଥିଲା ; କିନ୍ତୁ ଏହି ଖେଳ ସାଙ୍ଗରେ ଅନେକ ଦୁର୍ଘଟଣା ବି ହୋଇଛି ଯଥା ମୁହଁ ଫାଟିବା, ଗିଲି ବାଜି ଆଖି ଫୁଲିବା ! ଏବର ପିଲାମାନଙ୍କୁ ଦେଖିଲେ, ସେମାନଙ୍କ ପିଲା ଦିନ ଯେ କେତେ ନିରସ, ଆଉ କେତେ କେତେ ଯେ ମଜାଦାର ଖେଳ ସେମାନେ ଖେଳି ପାରୁ ନାହାନ୍ତି ଭାବିଲେ ମତେ ସେମାନଙ୍କୁ ଦୟା ଲାଗେ । ପେଟଭର୍ତ୍ତି ଖାଇବା, ଦିନ ସାରା ଧୁମ୍ ଖେଳିବା ଆଉ ଆଗାମୀ ଭବିଷ୍ୟତ ପ୍ରତି ଆଶଙ୍କିତ ବା ସଚେତନ ନ ହେବା ବୋଧହୁଏ ପିଲା ଦିନର ସବୁଠୁ ବଡ଼ ଉପଲବ୍ଧି ।



**ଖେଳରୁ ସୃଷ୍ଟି ଆନ୍ତରିକତା ଆଜି ବି ବଞ୍ଚିଛି :**
**ଡକ୍ଟର କମଳାକାନ୍ତ ଜେନା (ପ୍ରାଧାପକ, ପଦାର୍ଥ ବିଜ୍ଞାନ)**

ଆମେ ଏମିତି କଥାରେ କହିଦେଉ, 'ପିଲାବେଳ, ଧୂଳିଖେଳ'। ହେଲେ ମୁଁ କିନ୍ତୁ ପିଲାଦିନେ ସତରେ ବାଲି-ଧୂଳିରେ ଖେଳିବାର ଭରପୂର ମଜା ନେଇଛି। ବାଲେଶ୍ୱର ଜିଲାର ଗଣେଶ୍ୱରପୁର (ଜାନୁଗଞ୍ଜ) ହେଉଛି ମୋ ଗାଆଁ। ହଁ, ଆଜି ମୋ ଗାଆଁଟା ସହର ସହର ଲାଗୁଛି, ମୋ ଗାଆଁଦାଣ୍ଡ ପକ୍କା-ସଡ଼କର ରୂପ ନେଇଛି। କିନ୍ତୁ ପିଲାବେଳର ବାଲି-ଦାଣ୍ଡକୁ ମୁଁ ଭୁଲିନାହିଁ। ଆଜି ମୋ ଗାଆଁରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ମେଡିକାଲ କଲେଜ, ଏମ୍ସ୍ ମେଡିକାଲ କଲେଜ, ଏଲ୍.ଭି. ପ୍ରସାଦ ଚକ୍ଷୁ-ଚିକିତ୍ସାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ଆହୁରି ଅନେକ ପ୍ରତିଷ୍ଠାନ ଗଢ଼ିଉଠିଛି। କିନ୍ତୁ ଦାଣ୍ଡର ଧୂଳି ଉପରେ ଗଡ଼ି ଗଡ଼ି ଖେଳିବା ଓ ବର୍ଷାଦିନେ ଗାଆଁଦାଣ୍ଡରୁ ମାଛ ଧରିବା କଥା ମୁଁ ଏଯାଏ ଭୁଲିନାହିଁ ।

ଆଉ ଯାହା ଜମା ଭୁଲିନି, ତାହା ହେଲା ମୋ ପିଲାଦିନ ଖେଳ। ପିଲାଦିନେ ଖେଳ ମୋ ଜୀବନର ସବୁଠାରୁ ବଡ଼ କଥା ଥିଲା। ଅତି ଦେହ ଖରାପ ଥିଲେ, କିମ୍ବା ହାତ ଭାଙ୍ଗିଥିଲା ବେଳେ ହୁଏତ ଖେଳି ନ ଥିବି । ନଚେତ୍ ଏମିତି କୌଣସି ଦିନ ନାହିଁ ଯେଉଁଦିନ ମୁଁ ଖେଳିବା ବନ୍ଦ କରିଛି। ଛୋଟବେଳେ ପାଦ ଉପରେ ଓଦା ବାଲି ଥାପି ମନ୍ଦିର ତିଆରି କରିବା ପୁଣି ସେ ବାଲି ମନ୍ଦିରରେ ଡାଳ ଓ ଫୁଲ ଲଗେଇ ସୁନ୍ଦର ମନ୍ଦିର ଗଢ଼ିବା ପାଇଁ ମନେ ମନେ ପ୍ରତିଯୋଗିତା ହେଉଥିଲା। ପ୍ରକୃତରେ ପିଲାଙ୍କ ସୃଜନଶୀଳତା ବଢ଼େଇବାରେ ସେମିତି ଖେଳର ବଡ଼ ଭୂମିକା ଥିଲା। ସ୍କୁଲରେ ମୋର ପ୍ରିୟ ଖେଳ ଥିଲା 'ଡାଳ-ମାଙ୍କୁଡି'। ଖେଳ ଛୁଟିରେ ସ୍କୁଲ ପାଖ ମିଶ୍ର-ପୋଖରୀ କୂଳରେ ଜାମୁ, ଆମ୍ବ ଓ ପିଜୁଳି ଗଛରେ ଆମେ ୫/୬ ଜଣ ସାଙ୍ଗ ମିଶି ଖେଳୁଥିଲୁ। ସ୍କୁଲରୁ ଫେରିଲା ପରେ ଖାଇ ଦେଇ ହରିହାଟ ଛକକୁ ମୁଁ ବାହାରି ଯାଏ 'ବାଟି' ବା 'କାଚଗୋଲି' ଖେଳିବା ପାଇଁ। ବାଟି ଖେଳରେ ହାରିବା-ଜିତିବା ଥିଲା। ଅନ୍ୟଠାରୁ ବାଟି ଜିତିବା ପାଇଁ ଏକାଗ୍ରତା ଓ ଲକ୍ଷ୍ୟ ଆବଶ୍ୟକ। ଏବେ ପାଖରେ ଟଙ୍କା ଥିଲେ ଯେମିତି ଖୁସି ଲାଗୁଛି, ସେତେବେଳେ ପକେଟରେ ୪-୬ଟା ବାଟି ଥିଲେ ସେମିତି ଲାଗୁଥିଲା। ବାଟି ଖେଳରେ ମୋର ଭଲ ଖାତିର ଥିଲା । ମୋ ସହିତ ବାଟି ଖେଳିବା ପାଇଁ ସାହି ପିଲା ଡରୁଥିଲେ । ପିଲାଦିନେ ଖେଳ ମାଧ୍ୟମରେ ସାଙ୍ଗ-ସାଙ୍ଗ ଭିତରେ ଯେଉଁ ଆନ୍ତରିକତା ସୃଷ୍ଟି ହୋଇଥିଲା, ତାହା ଆଜି ବି ବଞ୍ଚିଛି । ସାଙ୍ଗମାନଙ୍କୁ ଦେଖିଲେ ପିଲାଦିନର ସେହି ମୁହୂର୍ତ୍ତଗୁଡ଼ାକ ମନେ ପଡ଼ିଯାଉଛି ।

**ମୋ ଜୀବନର ସବୁଠୁ ଚମତ୍କାର ସମୟ : କିଶୋର ମହାନ୍ତି**
**(ଅବସରପ୍ରାପ୍ତ ସିନିୟର୍ ଏକ୍ଜିକ୍ୟୁଟିଭ୍, ଅଲ୍ ଇଣ୍ଡିଆ ରେଡିଓ,କଟକ)**

ପୂରାଟା ଜୀବନ ଭିତରେ ସବୁଠୁ ଚମତ୍କାର ସମୟ କ'ଣ ଥିଲା ବୋଲି ଯଦି ପଚରାଯାଏ, ତାହାହେଲେ ସେଇଟା ଥିଲା ମୋ ପିଲାବେଳ। ସେଦିନର କଥାଗୁଡ଼ାକ ମନେପଡିଲେ ଭାରି ହସ ମାଡେ। ମୋର ପିଲାବେଳେ ନାଟକ ଦେଖିବା ପ୍ରତି ଥିଲା ପ୍ରବଳ ଝୁଙ୍କ। ଘରେ ରାଗିବେ ବୋଲି କାହାକୁ କିଛି ନକହି ଲୁଚି ଲୁଚି ନାଟକ ଦେଖିବାକୁ ଯାଉଥିଲି। ଥରେ କ'ଣ ହୋଇଛି ଘରେ ନ କହି ସାହିର ନନ୍ଦି ଦାଦାଙ୍କ ସହ ଯାତ୍ରା ଯିବାକୁ ଯୋଜନା କଲି। ଦାଦା ବି ଥିଲେ ଜଣେ ଯାତ୍ରାପ୍ରିୟ ଓସ୍ତାଦ। ସେଦିନ ତାଙ୍କ ସାଇକେଲ ଆଗରେ ବସି ଚାଲିଲି ଯାତ୍ରା ଦେଖି। ଜେଜେଙ୍କ ତତ୍ତ୍ୱାବଧାନରେ ସେତେବେଳେ →



ମୁଁ ଥାଏ। ଆଉ ଜେଜେ ପ୍ରବଳ ରାଗୀ। ମତେ ଗୋଡ଼େ ଗୋଡ଼େ ଜଗିଥାଆନ୍ତି। ଅନେକ ଥର ଜେଜେମା'ଙ୍କୁ ପାନ ଦି' ଖଣ୍ଡ ଧରେଇ ଦେଇ ଦଶ-ପନ୍ଦର କିମି ଦୂର ଚାଲିଯାଏ ଯାତ୍ରା ଦେଖିବାକୁ। ସକାଳୁ ଫେରିଆସେ। ସେଦିନ ଫେରିବା ବାଟରେ କେହି ଜଣେ କହିଲା ତୋ ଜେଜେ ସକାଳୁ ତୋତେ ନାଳ ବନ୍ଧରେ ଜଗି ବସିଛନ୍ତି। କ'ଣ କରିବି ? ଜେଜେଙ୍କୁ ଲୁଚି ବନ୍ଧ ତଳେ ଗୋଟେ ବଡ଼ ଗାତ ଭିତରେ କିଛି ସମୟ ଲୁଚିଲି। ସେ କାହା ସହ ଗପି ଗପି ଚାଲିଥାନ୍ତି। ସେ କିଛି ବାଟ ଆଗକୁ ଯିବାରେ ଆର ଦାଣ୍ଡ ବାଟ ଦେଇ ଘରେ ପଶିଗଲି। ହେଲେ ହଠାତ୍ ତାଙ୍କ ନଜରରେ ପଡିଗଲି। କି ମାଡ଼ ! ପୂରା ନୋଳା ପଡ଼ିଥିଲା। କିଛି ଦିନ ଏମିତି ଯିବା ପରେ ମନ ହେଲା ନାଚ ପାର୍ଟିଟିଏ ଗଢ଼ିବି। ହେଲେ ପଇସା କୁଆଡୁ ଆସିବ। ହେଲେ ନିଶା ତ ଲାଗିଛି। ସାଙ୍ଗମାନଙ୍କୁ ନେଇ ନାଚପାର୍ଟି ଆରମ୍ଭ କଲି। ମନକୁ ଯାହା ଆସିଲା କଲି। ଅବଶ୍ୟ ଆମ ନାଟ ବି ଦେଖେ କିଏ ? ତଥାପି ପୁରୁଣା ଡ୍ରେସପତ୍ର କିଣି ପୌରାଣିକ ନାଟକ ପରିବେଷଣ କଲୁ। ସାହି ଲୋକ ବହୁତ ପ୍ରଶଂସା କଲେ। ଜେଜେଙ୍କ କାନକୁ କଥା ଗଲା। ସାଙ୍ଗମାନଙ୍କ ଘରେ ବି ଖବର ପହଞ୍ଚିଲା। ଗୁଡାଏ ଗାଳି ଖାଇଲୁ। ତା'ପରେ ଯାତ୍ରା ପୂରା ବନ୍ଦ। ଆଉ ଖେଳ କଥା ନ କହିଲେ ପିଲାବେଳ କଥା ଅଧା ରହିଯିବ। ମୁଁ ଫୁଟବଲ ଖେଳିବାକୁ ଖୁବ ଭଲ ପାଉଥିଲି। ଥରେ ଖେଳୁ ଖେଳୁ ଜଣେ ଏମିତି ମାରିଲେ ଯେ ଫୁଟବଲ ଆସି ମୋ ଛାତିରେ ବାଜିଲା ଆଉ ମୁଁ ବେହୋସ ହୋଇଗଲି। ତା'ପରେ ଫୁଟବଲ କମ୍ ଭଲିବଲ ଅଧିକ ଖେଳିଲି। ମତେ ରେଫରି ହେବାକୁ ଭାରି ଭଲ ଲାଗେ। ଏହାଥିଲା ସ୍କୁଲ ସମୟର କଥା, କିନ୍ତୁ ଖୁବ ଛୋଟବେଳେ ବୋହୂଚୋରି, କିତିକିତି, କବାଡି ଆଦି ଖେଳୁ। ରଜ ହେଲେ ବାଗୁଡ଼ି ଖେଳ ବେଶ୍ ଜମେ। ମତେ ଖେଳିବା ଅପେକ୍ଷା ଦେଖିବାକୁ ଭାରି ଭଲ ଲାଗେ।

**ଶୈଶବ ଏକ ଚିର ମଧୁର ସ୍ମୃତିର ଗନ୍ତାଘର :**

**ଡ. ସରୋଜିନୀ ଷଡ଼ଙ୍ଗୀ (ଡାକ୍ତର ଓ ଲେଖିକା)**

ସମସ୍ତଙ୍କ ଜୀବନରେ ଶୈଶବ ଏକ ଚିର ମଧୁର ସ୍ମୃତିର ଗନ୍ତାଘର ହୋଇ ରହିଥାଏ। ଏହି ଶାଶ୍ୱତ, ଅମୃତମୟ ମୁହୂର୍ତ୍ତଗୁଡ଼ିକର କଥା ମନେ ପକାଇଲେ ସ୍ମୃତିର ଆକାଶରେ ସହସ୍ର ସହସ୍ର ଇନ୍ଦ୍ରଧନୁ ଉଇଁ ଉଠେ ଏବଂ ତା'ର ସାତଟି ରଙ୍ଗରେ ମନ ଆକାଶ ବର୍ଣ୍ଣାଳୀମୟ ହୋଇଯାଏ। ପିଲାଦିନର ଧୂଳି ଖେଳଠାରୁ ଆରମ୍ଭକରି ପାଠପଢ଼ିବା ପର୍ଯ୍ୟନ୍ତ ଏବଂ ତା' ସହିତ କୁନି କୁନି ଦୁଷ୍ଟାମି, ସାଙ୍ଗସାଥୀ, ତଥା କ୍ଲାସ ରୁମ୍ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଆମେ ଖେଳିଥିବା ଖେଳ ମଧ୍ୟ ରଙ୍ଗିନ ହୋଇଯାଏ। ପିଲାଦିନ ମୋର କଟିଥିଲା ଅଜା, ଆଈଙ୍କ ପାଖରେ ସୁନ୍ଦରଗଡ଼ରେ। ପଢୁଥିଲି ରାଣୀ ଜାନକୀ ରତ୍ନ ଗାର୍ଲସ ସ୍କୁଲରେ। ସେଠି ପଢ଼ାପଢ଼ି ବହୁତ ଭଲ ହେଉଥିଲା । ମୋ ଅଜା ସମାଜ ସଂସ୍କାରକ ଓ ଶିକ୍ଷାବିତ୍ ବୈରାଗୀ ମିଶ୍ର ପିଲାଦିନେ ମୋର ପାଠ ପଢ଼ାପଢ଼ି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ମୋ ସ୍କୁଲ ଥିଲା ମୋ ପାଇଁ ଏକ ବିରାଟ ପୃଥିବୀ। ସିଲେଇ ଛାଡି ଜ୍ୟାମିତି ନେଲା ବେଳେ ଜ୍ୟାମିତି ମୋ ଜୀବନକୁ ଜ୍ୟୋତିର୍ମୟ କରି ଦେଇଥିଲା। କେତେବେଳେ ତ୍ରିକୋଣୀୟ ତ୍ରିଭୁଜରେ ତ କେତେବେଳେ ଚତୁର୍ଭୁଜର ଚାରୁମୟତାରେ ପୁଣି ପଞ୍ଚଭୁଜ ଓ ଷଡ଼ଭୁଜର ବିଭିନ୍ନତାରେ ଜୀବନ ମୋର ହୋଇଯାଇଥିଲା ପରିପୂର୍ଣ୍ଣ। ଆଜି ଭଳି ଖେଳ ଆମ ସମୟରେ ନଥିଲା। ଆମେ ସ୍କୁଲରେ ଦଉଡା ଦଉଡି, ସ୍କିପିଂ, ଡୁଡୁ ଖେଳ ଓ ପୁଚି ଖେଳ ଖେଳୁଥିଲୁ। ବିଶେଷ ଭାବରେ ରଜରେ ସଜବାଜ ହୋଇ ପଟା ପଟା ଅଳତା ଲଗାଇ ଦୁଇ ପଟେ ଦୁଇଟି ବେଣୀ ଛାଡି ରଙ୍ଗିନ ରିବନ ବାନ୍ଧି ପୁଚି ଖେଳୁଥିଲୁ। ଏଣେ ପୁଣି ଗୀତ ଗାଇ ଗାଇ 'ଠିଆ ପୁଚି ନାରଙ୍ଗ ଗୋଡ଼ ଦୁଇଟା ସାରଙ୍ଗ' ଗୀତ ଗାଇ ଠିଆ ପୁଚି ଖେଳ ଖେଳି ପ୍ରାଇଜ ପାଉଥିଲୁ। ଆଜି ଆଉ ସେଦିନ ନାହିଁ କି ପୁଚି ଖେଳ ମଧ୍ୟ ପ୍ରାୟ ନାହିଁ କିନ୍ତୁ ସେଦିନର ସ୍ମୃତି ଏବେବି ମନରେ ଜୀବନ୍ତ ହୋଇ ରହିଛି।

**ଫେରି ଆସନ୍ତା କି ମୋର ପିଲାବେଳ:**

**ଶିବ ମିଶ୍ର (ଶିକ୍ଷାବିତ୍ ଓ କଥାକାର)**

ଏବେ କିଛିବର୍ଷ ହେଲା ସହରୀ ରଙ୍ଗ ବୋଳି ହେଉଥିବା ଆମଗାଁ ବାଣପୁର। ମୋ ପିଲାବେଳେ ଥିଲା ଘନ ଜନବସତିଭରା ଏକ ମଫସଲ ଗାଁ। ଗାଁ ଚାରିପଟେ ଥିବା ଚାଷଜମି, ନଈ ନାଳ ପାହାଡ଼ ମୁଣ୍ଡିଆର ପ୍ରାକୃତିକ ଶୋଭା ଗାଁକୁ କରିଦେଉଥିଲା ଅପରୂପା ଲାବଣ୍ୟମୟୀ, ମନୋରମ। ସକାଳୁସକାଳୁ ଗାଁ ଦାଣ୍ଡରେ ଗୋଡ଼ ଛାଟି ଦଉଡୁଥିବା କଅଁଳିଆ ବାଛୁରି ପଛରେ ଅନ୍ୟ ପିଲାମାନଙ୍କ ସହିତ ମୁଁ ବି ଧାଉଁଥିଲି ଗଡ଼ ଜିଣିବାକୁ ଯାଉଥିବା ସୈନିକ ପରି। ଗୋଡ଼



କିଶୋର ମହାନ୍ତି



ତପନ ପଣ୍ଡା



ସରୋଜିନୀ ଷଡ଼ଙ୍ଗୀ



ଶିବ ମିଶ୍ର



କମଳାକାନ୍ତ ଜେନା

ହାତର ହାଡ଼ ଟିକିଏ ପାକଳହେଲା ପରେ, ମୁଣ୍ଡ ମଗଜ ଟିକିଏ ଓସାରିଆ ହେଲାପରେ ପଢିଲୁ ଗାଁ ସ୍କୁଲରେ। ପଢ଼ିଲାବେଳେ ସେହି ପାଖରେ ଥିବା ବଡ଼ ପଡ଼ିଆରେ ସାଙ୍ଗମାନଙ୍କ ସହିତ ଡୁଡୁ, ଗିଲିଦଣ୍ଡା, ପେଣ୍ଡୁ ଖେଳୁଥିଲୁ। ରବର ପେଣ୍ଡୁରେ ଖେଳିବାର ମଜା ନିଆରା ଥିଲା। ସ୍କୁଲରେ ଖରାଛୁଟି ହେଲା ବେଳକୁ ଗାଁ ପାଖ ତୋଟାରେ ଆମ୍ବ ପାଚି ଯାଇଥାଏ। ତୋଟାକୁ ଯାଇ ଫୋପଡ ମାରି ଆମ୍ବ ଝଡେଇବା ସହିତ ଗଛ ଡାଳରେ ଡାଳ-ମାଙ୍କୁଡି ଖେଳ, ତୋଟା ଭିତରେ ଚୋର-ପୋଲିସ ଖେଳ ଖୁବ ଜମେ। ଏହି ସବୁ ଖେଳରେ ଧାଁଆ ଦଉଡ ସାଙ୍ଗକୁ ବୁଦ୍ଧିର କସରତ୍ ବି ହୁଏ। ତେଣୁ ସେଇଥିପାଇଁ ବୋଧହୁଏ ଏବେଯାଏ ମୋର ଦେହ ମନ ସୁସ୍ଥ ସତେଜ ରହିଛି। ଏବେ ପିଲାମାନେ ଘର ଅନ୍ଧାରୀ କୋଣରେ ଏକୁଟିଆ ବସି ମୋବାଇଲ ଫୋନରେ ଖେଳୁଛନ୍ତି। ଯେଉଁଥିରେ ବାହାର ଆଲୁଅ ନାହିଁ,ଖୋଲା ପବନ ନାହିଁ, ଅନ୍ୟ ସହିତ ଭାବଦିଆନିଆ ନାହିଁ,ସେ ଖେଳରେ ଲାଭ କ'ଣ ? ଆମ ଗାଁ ଶାଳିଆ ନଈରେ ପହଁରିବା, ଘଣ୍ଟଶିଳା ପାହାଡ଼ରେ ଚଢ଼ିବା ଦ୍ୱାରା ଖାଲି ଆନନ୍ଦ ନୁହେଁ, ଶିକ୍ଷା ବି ମିଳିଛି। ଯାହା ଜୀବନ ବାଟରେ ଏତେ ଦୀର୍ଘଯାତ୍ରା ପାଇଁ ମୋତେ ସାହସ ଦେଇଛି, ସାମର୍ଥ୍ୟ ଦେଇଛି। ଗାଁର ସାଙ୍ଗ ସାଥିମାନଙ୍କ ସହିତ ମିଶି ନାଟ ଯାତ୍ରା ଦେଖିବାରେ ଯେଉଁ ସୁଖ ମିଳିଥାଏ, ସିନେମା ଟିଭି ଦେଖିଲାବେଳେ କ'ଣ ସତରେ ସେତିକି ସୁଖ ମିଳୁଛି ? ମୁଁ ଭାବେ, ମାଆର ସ୍ନେହ ଆଦର ଯେମିତି ଆମେ ଜୀବନ ଥିବା ଯାଏ ଭୁଲିପାରୁନା, ସେମିତି ଗାଁ କଥା ବି କେବେ ଭୁଲି ହେବନାହିଁ। ଶେଷରେ ଏତିକି କହିବି – '' ଫେରି ଆସନ୍ତା କି ମୋର ପିଲାବେଳ,ଗାଁ ଦାଣ୍ଡରେ ସାଙ୍ଗମେଳେ ଖେଳନ୍ତି ଖେଳ। ଘରେ, ବୋଉ ମୋତେ ପଚାରନ୍ତା, ବଣକୁ ଯିବୁ, କୋଳି ଖାଇବୁ ? ବାଘ ଆସିଲେ ଡରିବୁନି ତୁ ? ନା, ଜମା ଡରିବିନି, କହନ୍ତି ମୁଁ, ହେଲେ ଆଖିମୋର ବୁଜିହୋଇ ଯାଉଥାନ୍ତା,ବୋଉ କରିଦେଲେ 'ଫୁ' ।''

ଏ କଥା ସତ ମଣିଷର ମାନସିକ ବିକାଶ ସହିତ ଶାରୀରିକ ବିକାଶ ଜରୁରୀ। ଆଉ ଶାରୀରିକ ବିକାଶ ସକାଶେ ଖେଳର ଭୂମିକା ସବୁଠୁ ଅଧିକ। ପିଲାଟିଏ ନିଜେ ଖେଳ ମାଧ୍ୟମରେ ଘାସ, ପତ୍ର, କାଗଜ, କାଠି, ବାଲି ଓ ମାଟିରେ ବିଭିନ୍ନ ଜିନିଷ ତିଆରି କଲେ ତାହାର ସୃଜନଶକ୍ତି ବୃଦ୍ଧିପାଏ। ଜିନିଷକୁ ସୁନ୍ଦର କରି ଗଢ଼ିବା ପାଇଁ ନିଜେ ଚିନ୍ତା କରେ ଓ ପରିଶ୍ରମ କରେ। କିନ୍ତୁ ବାହାରକୁ ନ ବାହାରି, କାହାରି ସହିତ ନ ମିଶି ଘରେ ବସି ମୋବାଇଲରେ ଖେଳିଲେ ତାହା ହୋଇପାରେନାହିଁ। ସାମାଜିକ ସମ୍ପର୍କ ସ୍ଥାପନ ହୋଇପାରେ ନାହିଁ; ଯାହା ପିଲାର ଭବିଷ୍ୟତ ପାଇଁ ଆଦୌ ଶୁଭଙ୍କର ନୁହେଁ।

–ରୋଜାଲିନ୍ ମହାନ୍ତି

ଫଟୋ: ମନୋରଞ୍ଜନ ମିଶ୍ର





# ଯାହା ଚାହିଁଛି ସବୁ ପାଇଛି



**‘ହାଏ ତୋ ପ୍ରେମର ରଙ୍ଗୋଲୀ’ ଗୀତରେ ସେ ସମସ୍ତଙ୍କ ମନରେ ତାଙ୍କ ରଙ୍ଗର ଛାପ ଛାଡିଛନ୍ତି। ପୁଣି ‘ଚୁମ୍ବକ’ରେ ଜୀବନ୍ତ ଅଭିନୟ କରି ପ୍ରଶଂସା ସାଉଁଟିଛନ୍ତି। ସେ ହେଉଛନ୍ତି ତମନ୍ନା ବ୍ୟାସ୍ । ଜାଣିବା ତାଙ୍କର କିଛି ସିକ୍ରେଟ୍...**

**ବାପାଙ୍କର ଇଚ୍ଛା ଥିଲା ମତେ ଟିଭି ପରଦାରେ ଦେଖିବା:** ପିଲାଟିଦିନରୁ ମୁଁ ବହୁତ ଆକ୍ଟିଭ ଥିଲି। ପାଠପଢା ବାଦ ନାଚ, ଗୀତ, ବକ୍ତୃତା ସବୁଥିରେ ଭାଗ ନେଉଥିଲି। ହେଲେ କେବେ ଭାବି ନ ଥିଲି ଦିନେ ଅଭିନୟ  ଜଗତକୁ ଆସିବି ବୋଲି। ଆମ ପରିବାରରେ ବି କେହି ଏ ଲାଇନର ନୁହନ୍ତି। ହେଲେ ବାପା ସବୁବେଳେ କହୁଥିଲେ  କେତେ ରିୟାଲିଟି ଶୋ’ହେଉଛି। ସେଥିରେ ଭାଗ ନିଅ। ଆମେ ବି ତତେ ଟିଭିରେ ଦେଖିବାକୁ ଚାହୁଁଛୁ। ସେବେଠୁ ମନରେ ଥିଲା ଯେ, ଦିନେ ନା ଦିନେ ଟିଭି ପରଦାକୁ ଆସିବି। ସେଥିପାଇଁ ସୁଯୋଗ ଖୋଜୁଥିଲି କ’ଣ କଲେ ଟିଭିରେ ଆସିପାରିବି। ବ୍ରହ୍ମପୁର ଆମ ଘର ହେଇଥିବାରୁ ପଢାପଢି ସବୁ ସେଇଠି ହେଇଛି। ଖଲ୍ଲିକୋଟ ୟୁନିଭର୍ସିଟିରେ ବିବିଏ କଲାପରେ ଭୁବନେଶ୍ୱର ବିଜେବି କଲେଜରେ ଜର୍ଣ୍ଣାଲିଜମ କଲି।

**ରିୟାଲିଟି ଶୋ’ରୁ ହିରୋଇନ୍:** ୨୦୧୫ରେ ‘ରଜ କୁଇନ’ ଓ ‘ମୁଁ ବି ହେବି ହିରୋଇନ’ରେ ଭାଗ ନେଇ ଉଭୟରେ ରନର୍ସ ଅପ ହେଲି। ଏହାପରେ ଫିଲ୍ମର ଅଫର୍ ମିଳିଲା। ପ୍ରଥମ ଅଫର ଥିଲା ‘ଜୋକର’ ଚଳଚ୍ଚିତ୍ରର। ତେବେ କୌଣସି କାରଣରୁ ତାହା ରିଲିଜ ହୋଇପାରିଲା ନାହିଁ। ପରେ ‘ନିଝୁମ ରାତିର ସାଥୀ’ ଚଳଚ୍ଚିତ୍ରରେ କାମ କଲି, ଯାହା ୨୦୧୭ରେ  ରିଲିଜ ହେଲା। ଏହାପରେ ଗୋଟେ ପରେ ଗୋଟେ ଚଳଚ୍ଚିତ୍ର କରି ଚାଲିଲି। ‘ବ୍ଲାକମେଲ’ ଚଳଚ୍ଚିତ୍ରର ‘ହାଏ ତୋ ପ୍ରେମର ରଙ୍ଗୋଲୀ’ ଗୀତ ହିଟ ହୋଇଥିଲା। ଆଉ ସେଇ ଗୀତ ମତେ ବେଶୀ ଲୋକପ୍ରିୟ କରାଇଲା। ପରେ ‘ଭାଇନା କଣ କଲା ସେ’, ବାବୁସାନଙ୍କ ସହ ‘ଗୋଲମାଲ ଲଭ’, ଅନୁଭବଙ୍କ ସହ ‘ପ୍ରେମ କୁମାର’, ‘ଲକିର ଲକଡାଉନ ଲଭଷ୍ଟୋରି’, ‘ରୋମିଓ ରାଜା’, ପରି ଚଳଚ୍ଚିତ୍ର କଲି।

**ଚୁମ୍ବକ ଦେଲା ଭିନ୍ନ ପରିଚୟ:** ସମଲିଙ୍ଗୀ ସମ୍ପର୍କ ଉପରେ ଆଧାରିତ  ୱେବ ସିରିଜ ପାଇଁ ଯେତେବେଳେ ଅଫର୍ ଆସିଲା ପ୍ରଥମେ ମୁଁ ନିଷ୍ପତ୍ତି ନେଇପାରୁ ନ ଥିଲି କାମ କରିବି କି ନାଇଁ। ଏଭଳି ଚରିତ୍ରକୁ ଲୋକେ କେମିତି ଗ୍ରହଣ କରିବେ ଡ଼ର ଥିଲା। ସେଥିପାଇଁ ବାପାଙ୍କ ପରାମର୍ଶ ଲୋଡିଥିଲି। ବାପା କହିଥିଲେ– ତମେ ଯଦି ଭାବୁଛ ଏଭଳି ଚରିତ୍ର କରିବାରେ କିଛି ଅସୁବିଧା ନାହିଁ ତେବେ ତମେ କର। କରିବାକୁ ନିଷ୍ପତ୍ତି ନେଲି। ନିର୍ଦ୍ଦେଶକ ଏହାର କାହାଣୀକୁ ବେଶ ଭଲ ଭାବେ ପ୍ରେଜେଣ୍ଟ କରିଥିଲେ।

**ମିସ ଡିଭା, ମିସ ଇଣ୍ଡିଆର ଯାତ୍ରା:** ମୋର ସବୁବେଳେ ଇଚ୍ଛା ଥିଲା ନ୍ୟାଶନାଲ ଲେଭଲରେ ନିଜକୁ ପ୍ରମାଣିତ କରିବାକୁ। ସେଥିପାଇଁ  ସବୁବେଳେ ମିସ ଇଣ୍ଡିଆକୁ ଫଲୋ କରୁଥିଲି। ନିଜେ ନିଜକୁ ଏଥିପାଇଁ ପ୍ରସ୍ତୁତ କରୁଥିଲି। ତେଣୁ ଫିଲ୍ମ କରିବା ଭିତରେ ମୁଁ ୨୦୧୮ରେ ‘ମିସ ଡ଼ିଭା’ରେ ପାର୍ଟିସିପେଟ କଲି। ଟପ୍ ୧୦ ରେ ବି ରହିଲି। ପରେ ଫେମିନା ମିସ ଇଣ୍ଡିଆ ୨୦୧୯ରେ ପାର୍ଟିସିପେଟ କରି ଇଷ୍ଟ ଇଣ୍ଡିଆ ଫାଇନାଲିଷ୍ଟ  ହେଇଥିଲି।

**ଓଲିଉଡକୁ ଛାଡି ପାରିବିନି:** ମତେ ଓଡ଼ିଶାରେ ହିଁ କାମ କରିବାର ଅଛି। ଓଲିଉଡ଼କୁ ଛାଡିପାରିବିନି। ତା’ମାନେ ନୁହଁ କି ଅନ୍ୟ ଇଣ୍ଡଷ୍ଟ୍ରିରେ କାମ କରିବିନି। ସୁଯୋଗ ମିଳିଲେ ନିଶ୍ଚୟ କରିବି। ଯେମିତିକି ମୁଁ ତେଲୁଗୁ ଫିଲ୍ମ ‘ଭେୟି ଶୁଭମୁଲୁ କାଲୁଗୁ ନିକୁ’ ଚଳଚ୍ଚିତ୍ରରେ କାମ କରିଛି।

**ତେଲୁଗୁ ଶିଖିଲି ସାଙ୍ଗଠାରୁ:** ଭାଷା ଶିଖିବା ଲାଗି ବ୍ରହ୍ମପୁର ସାଙ୍ଗର ସାହାଯ୍ୟ ନେଇଥିଲି ଯେମିତିକି ତେଲୁଗୁ ଭଲରେ କହିପାରିବି। କାହିଁକି ନା ସେ ଭାଷାକୁ ଭଲରେ ନ କହିପାରିଲେ ଦର୍ଶକଙ୍କ ହୃଦୟ ଜିଣି ହେବନି।

**ମାମା ଓ ଭଉଣୀ ମୋ ଫ୍ୟାଶନ ଗାଇଡ୍:** ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାଠୁ ଆରମ୍ଭ କରି ହିରୋଇନ ହେବା ପର୍ଯ୍ୟନ୍ତ ସବୁଥିରେ ମୋ ମାମା ଓ ସାନ ଭଉଣୀ ସାଜିଛନ୍ତି ମୋର ଫ୍ୟାଶନ ଗାଇଡ୍।

**ଡ୍ରିମ ରୋଲ:** ସାଇକୋ ଲଭର୍ ଚରିତ୍ର କରିବାର ଇଚ୍ଛା ଅଛି।

**ବିବାହ:** ହଠାତ୍ ପ୍ରସ୍ତାବ ଆସିଲା ଆଉ ମୋର ବାହାଘର ହେଇଗଲା। ତେଣୁ ଆଜି ବି ବିଶ୍ୱାସ କରିପାରୁନି ଯେ, ମୁଁ ବାହା ହେଇଯାଇଛି ବୋଲି। ଆଉ ବିଶ୍ୱାସ ବି ହେଉନି ମୁଁ ନମିତା ଅଗ୍ରୱାଲଙ୍କର ବୋହୁ ହେଇଛି ବୋଲି।

**ଶାଶୁ ନୁହନ୍ତି ସେ ମୋ ମା’:** ଘର ପରିବାରକୁ ଆସିଛି ସତ। ହେଲେ ଏଇ ନୁଆ ଘର ଓ ପରିବାର ସବୁକିଛି ବେଶ  ଭଲ ଲାଗୁଛି। ଆଉ ମୁଁ ଶାଶୁ ନୁହେଁ ମା ପାଇଛି।

**ହବି:** ସମୟ ମିଳିଲେ ଗୀତ ଶୁଣେ, ଜିମରେ ସମୟ ବିତାଏ। ତାସହ ନୁଆ ନୁଆ ଜିନିଷ ଶିଖିବା ପାଇଁ କେବେ ବକ୍ସିଂ କ୍ଲାସ ଜଏନ କରେ ତ କେବେ ଡ୍ୟାନ୍ସର ନୁଆ ଫର୍ମ ଶିଖେ, ପୁଣି କେବେ ସୁଇମିଂ ଶିଖେ।

**ବ୍ୟୁଟି ଓ  ଫିଟନେସ୍ ସିକ୍ରେଟ:** ପ୍ରଚୁର ପାଣି ପିଏ, ଫଳ, ସବୁଜ ପନିପରିବା ଖାଏ। କୃତ୍ରିମ ଉପାୟରେ ସୁନ୍ଦର ଦେଖାଯିବା ସପକ୍ଷରେ ମୁଁ ନୁହେଁ। ଆଉ ଫିଟନେସ୍ ପାଇଁ ମୁଁ ଜିମ ଯାଏ। ଘରେ ଟ୍ରେଡମିଲ ବ୍ୟବହାର କରି ବ୍ୟାୟାମ ବି କରେ।

**ୱିକନେସ୍:** ମିଠା ମୋର ବଡ ଦୁର୍ବଳତା।

**ଷ୍ଟ୍ରେଙ୍ଗଥ୍:** ମୁଁ କେବେ ବି କୌଣସି କଥାକୁ ମନରେ ଧରିକି ରଖିପାରେନା। ଜଲ୍ଦି ଭୁଲି ଯାଏ।ମତେ କିଏ କିଛି ଖରାପ କହିଲେ ବି ରାଗ ରଖିପାରେନା। କହିବାକୁଗଲେ ମୁଁ ବହୁତ କୁଲ୍।

**ଡରେ:** ବାପାଙ୍କୁ ଯେତିକି ଭଲ ପାଏ ସେତିକି ଡରେ ବି।

**ପ୍ରିୟ ଖାଦ୍ୟ:** ମୁଁ ଭେଜିଟେରିଆନ। ମିଠା ବ୍ୟତିତ ମତେ ପିଜ୍ଜା ଓ ପନିରର ସବୁ ଆଇଟମ ପସନ୍ଦ।

**ପ୍ରିୟ ବୁଲିବା ସ୍ଥାନ:** ଗୋପାଳ ପୁର ସି’ ବିଚ ମୋର ପ୍ରିୟ ବୁଲିବା ସ୍ଥାନ।

**ଅବସୋସ :** ନା, ଆଜିପର୍ଯ୍ୟନ୍ତ ମୁଁ ଯାହା ଚାହିଁଛି ସବୁ ପାଇଛି। ଏମିତିକି ଯାହା ଭାବି ନ ଥିଲି ତାହା ବି ପାଇଛି। ସେଥିପାଇଁ ଅବସୋସ କିଛି ନାହିଁ।

**–ଶିବାନୀ ମହାନ୍ତି**





# କଳା ହେଉଛି ଏକ ଦୁଇଧାରିଆ ଖଣ୍ଡା



ପିଲାଟିଦିନରୁ ପାରମ୍ପରିକ ନୃତ୍ୟଗୀତରେ ଅଭିନୟ କରିବାର ରୁଚି ଥିଲା। ପରେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ସ୍କଲାରଶିପ୍ ପାଇ ପାଠ ପଢ଼ିଲେ। 'ଅନ୍ୱେଷଣ' ନାମକ ଏକ ନାଟ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରି ବହୁ କଳାକାରଙ୍କୁ ନାଟ୍ୟଶିକ୍ଷାରେ ତାଲିମ ଦେଲେ। ଜଣେ ସଫଳ ନାଟ୍ୟକାର, ସଂଳାପକାର, ଅଭିନେତା, ନିର୍ଦ୍ଦେଶକ, ପ୍ରଶିକ୍ଷକ ଓ ସିନେମା ନିର୍ମାତା ଭାବେ ପରିଚୟ ସୃଷ୍ଟି କଲେ। ସେ ହେଲେ **ନାରାୟଣ ପତି**। ଦୂରଦର୍ଶନରେ ତାଙ୍କ ଦ୍ୱାରା ପ୍ରାୟୋଜିତ ପ୍ରଥମ ଓଡ଼ିଆ ଧାରାବାହିକ 'ପଥର ପଡ଼ିଲେ ସହି' ଏବଂ 'ଟୋକେଇ' ଖୁବ୍ ଲୋକପ୍ରିୟତା ହାସଲ କରିଥିଲା। ଓଡ଼ିଆ ସିନେମା 'ଲକ୍ଷେ ଶିବ ପୂଜି ପାଇଛି ପୁଅ'ରେ ତାଙ୍କର ଅଭିନୟ ବେଶ୍ ମନଛୁଆଁ ହୋଇଥିଲା।

ନାରାୟଣ ପତିଙ୍କ ଜନ୍ମ ୧୩ ଏପ୍ରିଲ, ୧୯୫୩ ମସିହାରେ। ମାତା ଚାରୁଲତା ପତି ଏବଂ ପିତା ବଳରାମ ପତି। ଘର ଯାଜପୁର ଟାଉନର ପ୍ରୀତିପୁର ଗାଁରେ। ସେ କୁହନ୍ତି, 'ମୋ ବାପା ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ସେ ସେତେବେଳେ ବ୍ରିଟିଶ ସରକାରଙ୍କଠାରୁ ସ୍କଲାରଶିପ ପାଇ ରେଭେନ୍ସା କଲେଜିଏଟ ସ୍କୁଲରେ ପଢୁଥିଲେ। ଶେଷବର୍ଷ ପଢ଼ା ଅଧାରୁ ଛାଡ଼ି ଗାନ୍ଧିଜୀଙ୍କ ସାଥିରେ ଯୋଗଦେଇଥିଲେ। ଘରେ ଆମେ ଦୁଇଭାଇ ଓ ୫ ଭଉଣୀ। ମୋର ପ୍ରୀତିପୁର ପ୍ରାଥମିକ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଥିଲା। ପିଲାଟିଦିନରୁ ପାଲାକୁ ଭାରି ଭଲ ପାଉଥିଲି। କଲେଜ ପଢା ସରିବା ପରେ ଅଭିନୟରେ ଅଧିକ ସୁଯୋଗ ଆଶାରେ ୧୯୭୫ରେ କଟକ ଆସିଲି। ଏଠାରେ ପ୍ରଫେସର କାର୍ତ୍ତିକ ରଥଙ୍କ ନାଟକ ଗ୍ରୁପ୍ ଏବଂ ଜନତା ରଙ୍ଗମଞ୍ଚରେ ଅଭିନୟ କଲି। ଏଇଠି ଆସି ଜାଣିଲି ଅଭିନୟ ପାଇଁ ପାଠ ପଢା ହୁଏ। ତେଣୁ ମୁଁ ବି ସଙ୍ଗୀତ ମହାବିଦ୍ୟାଳୟରେ ୨ ବର୍ଷୀୟା ଆକ୍ଟିଂ କୋର୍ସରେ ନାମ ଲେଖାଇଲି। ପ୍ରଥମ ବର୍ଷ ପରେ ଯେଉଁ ଦ୍ୱିତୀୟ ବର୍ଷକୁ ଯିବା କଥା ତାହା ମୋର ହେଲାନାହିଁ। କାରଣ ମୋତେ ଫେଲ୍ କରିଦେଲେ। ତା'ପରେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ଯାଇ ପଢ଼ିଲି। ସେଠାରେ ସର୍ବଭାରତୀୟ ସ୍ତରରେ ୬ଷ୍ଠ ସ୍ଥାନ ରଖି ସ୍କଲାରଶିପ୍ ପାଇଲି। ସେବେଠାରୁ ବିଧିବଦ୍ଧଭାବେ ନାଟକରେ ଅଭିନୟ କରିଚାଲିଲି। ୧୯୮୨ରେ 'ଅନ୍ୱେଷଣ' ନାମକ ଏକ ନାଟ୍ୟାନୁଷ୍ଠାନ ଗଢ଼ିଥିଲି। ୧୯୮୫ମସିହାରେ କେନ୍ଦ୍ର ସଙ୍ଗୀତନାଟକ ଏକାଡେମୀ କୋଲ୍‌କାତାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନାଟକ ମହୋତ୍ସବରେ 'ଅନ୍ୱେଷଣ' କଳାକାରମାନଙ୍କ ଦ୍ୱାରା 'ମୁକ୍ତିପଥ' ନାଟକ ପରିବେଷଣ କରି ବହୁ ପ୍ରଶଂସିତ ହୋଇଥିଲୁ। ଇଷ୍ଟର୍ନ ଜୋନ୍‌ର ପ୍ରାୟ ୬ଟି ରାଜ୍ୟ ମଧ୍ୟରେ ଆମ ଅନ୍ୱେଷଣର ନାଟକ 'ମୁକ୍ତିପଥ' ଦିଲ୍ଲୀ ଯିବାକୁ ମନୋନୀତ ହୋଇଥିଲା। ସମୟକ୍ରମେ ଏକାଧିକ ନାଟକ ମଞ୍ଚସ୍ଥ କଲୁ। ତେବେ କଳା ହେଉଛି ନିଃସ୍ୱାର୍ଥପର ସେବା। ଯଦି ଜଣେ କଳାକାର ନିଜ ସ୍ୱାର୍ଥ ପାଇଁ ପ୍ରଚାର କରେ, ତେବେ ଏଥିରେ କଳାର ପ୍ରକୃତ ରୂପ ସାଧିତ ହୁଏନାହିଁ ବରଂ ତାହା ବିକଳାଙ୍ଗ ହୁଏ। ଆଜିକାଲି ସମସ୍ତେ ଚାହାନ୍ତି କିପରି ସହଜରେ ସବୁକିଛି ମିଳିଯାଉ। କଳା ସାଧନା ଲାଗି ଅନେକେ କଷ୍ଟ କରିବାକୁ ପସନ୍ଦ କରୁନାହାନ୍ତି। ମୋର ମନେ ଅଛି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଡାକମୁନ୍‌ସୀ ଗଳ୍ପକୁ ନାଟକ ଭାବେ ଶିଖିବାକୁ ପ୍ରାୟ ୮ମାସ ସମୟ ଲାଗିଥିଲା। ତେବେ କଳାକାରଙ୍କ ଉନ୍ନତ ଚିନ୍ତାଧାରା ହିଁ କଳାକୁ ବିକଶିତ କରିଥାଏ। ସେହିପରି ମୋର ଆଉ ଏକ ଚଳଚ୍ଚିତ୍ର 'ବୋଉର ହାତବାକ୍ସ'ରେ ଓଡ଼ିଆର ମୌଳିକତା ରହିଥିବାରୁ ତାହା ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି। ସୁଦୂର ଲଣ୍ଡନରେ ଏହା ଖୁବ୍ ଲୋକପ୍ରିୟତା ହାସଲ କରିଛି। ଆଉ ଗୋଟିଏ କଥା ମନେପଡୁଛି ୧୯୮୩ ମସିହାର ଘଟଣା। ସେତେବେଳେ ଓଡ଼ିଶାରେ ଟାଉନ୍ ବସ୍‌ର ଭଡ଼ା ବଢ଼ିଯିବାରୁ ଭୁବନେଶ୍ୱରର କେତେକ ଛକ ସ୍ଥାନରେ 'ପ୍ରତିବାଦ' ନାମକ ଏକ ନାଟକ ପରିବେଷଣ କରିଥିଲୁ। ପୁଣି ସେତେବେଳେ ପାରାଦୀପରେ ଶ୍ରମିକଙ୍କ ଗଣହତ୍ୟାକୁ ନେଇ ପଥପ୍ରାନ୍ତ ନାଟକ 'ଗଣହତ୍ୟା' ଚହଳ ସୃଷ୍ଟି କରିଥିଲା। ଏଥିରେ ଯେଉଁ କଳାକାର ପୋଲିସ ଅଭିନୟ କରୁଥିଲେ, ତାଙ୍କୁ ସତ ପୋଲିସ ଭାବି ଜଣେ ଦର୍ଶକ ତାଙ୍କ ଉପରକୁ ପଥର ଧରି ଫୋପାଡିବାକୁ ଉଦ୍ୟମ କରୁଥିବାର ଜାଣିପାରି ସେଠାରେ ତାଙ୍କୁ ବୁଝାଇଥିଲି ଯେ ଏଠି ନାଟକ ହେଉଛି। ସେମାନେ ସବୁ କଳାକାର, ସତ ପୋଲିସ ନୁହନ୍ତି।

ମୋ ମତରେ କଳା ହେଉଛି ଏକ ଦୁଇଧାରିଆ ଖଣ୍ଡା! କଳା ମଣିଷକୁ ମଣିଷ କରିପାରେ ଏବଂ ଅମଣିଷ ବି କରିପାରେ।

**-ବନବିହାରୀ ବେହେରା**













# ଅନୁମତି

**-ଶିଶିର କୁମାର ବେହେରା**

**ଘ**ର ଅଗଣାରେ 'ଆ' ଜହ୍ନ ମାମୁ ସରଗ ଶଶି' ଗୀତ ଗାଇ ଗାଇ ପୁଅ କାହ୍ନାକୁ ଶୁଆଉଥାଏ। ସ୍ୱପ୍ନା କହିଲା, ନାନୀଲୋ କାଲି ସାବିତ୍ରୀ ଅମାବାସ୍ୟା। ଦେଖୁନୁ ସେଥିପାଇଁ ଆଜି ଆକାଶରେ ଜହ୍ନ ଥାଇ ନ ଥିଲା ପରି।

ହୁଁ..ମୋ ପାଇଁ ତ ପୂର୍ଣ୍ଣିମା, ଅମାବାସ୍ୟା, ଦିନରାତି, ଆଲୁଅ, ଅନ୍ଧାର ସବୁ ସମାନ। ସବୁ ଖାଲି କଳା ଅନ୍ଧକାରମୟ। ଯେଉଁ ଘରେ ଦିନେ ମୁଁ ଡିଆଁମାରୀ ଖେଳୁଥିଲି, ଆଜି ସେଠି ପାଦେ ଚାଲିବା ସମ୍ଭବ ହେଉନି। ଦରକାର ପଡୁଛି କାହାରି ନା କାହାରି ସାହାରା। ନହେଲେ ଅଣ୍ଡାଳି ଅଣ୍ଡାଳି ଯାଉଛି ବଡ଼ କଷ୍ଟରେ। ଝୁଣ୍ଟିବା ପଡିବା ତ ଏବେ ନିତିଦିନିଆ କଥା ପାଲଟିଲାଣି। ଏତିକି ବେଳେ ବୋଉର ଡାକ ଶୁଭିଲା।

-ଶିଖା, ଶିଖା ! ଏ ମା' ଶିଖା କୋଉଠି ଅଛୁ ?

- ବୋଉ ମୁଁ ଅଗଣାରେ ଅଛି। ଏଇଠିକି ଆସେ।

- ମା' ଶିଖା ଆଜି ତୋ ଶାଶୁ ଆସିଥିଲେ।

- କାହିଁକି ଆସିଥିଲେ ? କ'ଣ କହିଲେ ? ପୁଅକୁ ଧରି ଗେଲ କଲେ ? ମୋ କଥା ପଚାରିଲେ ?

-କାଲି ପରା ସାବିତ୍ରୀ ବ୍ରତ। ସେଥିପାଇଁ ସେ  ଶାଢି, ଚୁଡି, ସିନ୍ଦୁର, ଫଳମୂଳ  ଧରି ଆସିଥିଲେ।

-ହଁ ବୋଉ ସେ ଆସିବେନି କାହିଁକି ? ବ୍ରତ ତାଙ୍କ ପୁଅ ପାଇଁ କରିବି ନା। ହେଲେ ନୂଆ ଶାଢି ଆଣିବା କ'ଣ ଦରକାର ଥିଲା ? ମୁଁ କୋଉ ନୂଆ ପୁରୁଣା ଜାଣିପାରୁଛି। ତା'ଛଡ଼ା ସତ୍ୟବାନଙ୍କୁ ଯମଠାରୁ ଛଡାଇ ଆଣିବାବେଳେ ସାବିତ୍ରୀ କୋଉ ନୂଆ ଶାଢୀ ପିନ୍ଧିଥିଲେ ଯେ।

-ଆରେ ପାଗେଳୀ ନୂଆ ପିନ୍ଧିବା ପରା ଆମ ସମାଜ ନିୟମ କରିଛି।

-ହଉ ହେଲା ବୋଉ, ତୁ ସେସବୁ ରଖିଥା। କାଲି ମୁଁ ଗାଧୋଇପାଧୋଇ ଆସିଲେ ମତେ ଦବୁ।

ପରଦିନ ନୂଆ ଶାଢି, ଚୁଡି, ଶଙ୍ଖା ସିନ୍ଦୁର ପିନ୍ଧି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜା କରୁ କରୁ ପୁରୁଣା କଥାସବୁ ମନେ ପଡିଯାଉଥାଏ। ବାପା ଜାଗାବାଡ଼ି ବିକି ଯୌତୁକ ଦେଇ କେତେ ଧୁମଧାମରେ ମୋ ବାହାଘର କରିଥିଲେ। ନୂଆ ପରିବାର, ନୂଆ ସଂସାରକୁ ନେଇ ମୋର ଥିଲା ଆଖିରେ ଆଖିଏ ସ୍ୱପ୍ନ। ସେ ସ୍ୱପ୍ନସବୁ ଗୋଟି ଗୋଟିକରି ସତ ବି ହେଉଥାଏ। ସ୍ୱାମୀ ସୁଖ ସହ ବାହାଘରର ଦେଢବର୍ଷ ପରେ ମୋ କୋଳକୁ ଆସିଲା ପୁଅ କାହ୍ନା। ସଂସାର ମୋର ହସଖୁସିରେ ଚାଲିଥାଏ। ବାପଘର କଥା ତ ଯେମିତି ଭୁଲି ଯାଇଥାଏ। ହେଲେ ହଠାତ ଯେମିତି ଏଇ ଖୁସି ଉପରେ କାହାରି କଳା ନଜର ଲାଗିଗଲା। କାହ୍ନା ଆଠ ମାସର ହେବା ବେଳକୁ ଏକ ଦୁର୍ଘଟଣାରେ ଆଖି ମୋର ନଷ୍ଟ ହେଲା। ଦୃଷ୍ଟିଶକ୍ତି ହରାଇ ମୁଁ ହେଇଗଲି ଅନ୍ଧୁଣୀ। ସମୟର ଚକ ଏମିତି ବି ଓଲଟା ବୁଲିପାରେ ଜାଣି ନ ଥିଲି। ଅନ୍ଧୁଣୀ ବୋହୂକୁ ରଖି ତା'ର ସେବା କରିବାକୁ ରାଜି ହେଲେନି ଶାଶୁଘର ଲୋକେ। ଆଉ ଯାହା ହାତ ଜୀବନସାରା ପାଇଁ ଧରିଥିଲି ସେ କହିଲେ ଆଖି ଡାକ୍ତର  ବୁଝିବା ପର୍ଯ୍ୟନ୍ତ ବାପଘରେ ରହିଥାଅ। ଭଲ ଡାକ୍ତର ମିଳିଲେ ମୁଁ ନେବାକୁ ଆସିବି। ହେଲେ ଆଜିଯାଏ  ଥରୁଟେ ବି ମନେପଡିନି ତାଙ୍କର  ମୋ କଥା। ଯା' ଭିତରେ କାହ୍ନା ଦୁଇ ବର୍ଷର ହେଇଗଲାଣି। ମାମା ବାବା କହିଲାଣି। କେତେ ଆବୁରୁଜାବୁରୁ ଗପୁଛି। ସ୍ୱାମୀ କି ଶାଶୁ ଶ୍ୱଶୁରଙ୍କର କ'ଣ ଦିନେ ମନେପଡୁନି କାହ୍ନା କଥା ?  ବେଳେବେଳେ ଭାବେ ମୋ ଭଳି ଅବସ୍ଥା ଯଦି କାହ୍ନା ବାପାଙ୍କର ହେଇଥାନ୍ତା ତେବେ ସେ କୁଆଡେ ଯାଇଥାନ୍ତେ ? ମୁଁ ହିଁ ସେବା କରିଥାନ୍ତି ତାଙ୍କର। କାରଣ ମୁଁ ସ୍ତ୍ରୀ। ଆଉ ସ୍ତ୍ରୀର କର୍ତ୍ତବ୍ୟ ସ୍ୱାମୀ, ଶାଶୁ ଶ୍ୱଶୁରଙ୍କ ସେବା କରିବା।



ହଠାତ୍ କାହ୍ନାର ପଡିବାର ଶବ୍ଦ। ପରେ ପରେ ତା'ର ଜୋର ଜୋର କାନ୍ଦିବାର ଶବ୍ଦ। ଭାବନା ମୋର ଭାଙ୍ଗିଗଲା। ତରବରରେ ଦୌଡ଼ିବାକୁ ଚାହିଁ ଝୁଣ୍ଟି ପଡ଼ିଲି। ବୋଉ କାହ୍ନାକୁ ଆଣି ମତେ ଦେଲା। ଏତିକିବେଳେ ମତେ ଲାଗିଲା ପାଖରେ ଆଉ ବି କିଏ ଅଛନ୍ତି। ସତକୁ ସତ ସ୍ୱପ୍ନା କହିଲା, ନାନୀ ଜିଜୁ ଆସିଛନ୍ତି। ମନ ଖୁସିରେ ଭରିଗଲା। ସ୍ୱପ୍ନା ମତେ ତାଙ୍କ ପାଖରେ ଠିଆ କରେଇଦେଲା। ସାବିତ୍ରୀ ବ୍ରତ ଦିନରେ ଆସିଥିବାରୁ ଖୁସି ଲାଗିଲା। ତାଙ୍କ ପାଦ ଛୁଇଁ ପ୍ରଣାମ କଲି। ଇଛା ହେଉଥାଏ ଆଜି ମନର ସବୁ ମାନ ଅଭିମାନ ତାଙ୍କ ଠି ଅଜାଡି ଦେବି। ହେଲେ ପ୍ରଥମେ କଣ କହିବି ଭାବିପାରୁ ନ ଥାଏ। ଶେଷରେ ପଚାରିଲି

-କେମିତି ଅଛ ?

-ଭଲ ଅଛି। କାହ୍ନା କେମିତି ଅଛି ?

-ହଁ, ଭଲ। ଆଖି ଡାକ୍ତରଙ୍କ ସହ କଥାବାର୍ତ୍ତା କରି ମତେ ଆଉ ପୁଅକୁ ନେବା ପାଇଁ ଆସିଛ ବୋଧେ।

- ହଁ, ଡାକ୍ତରଙ୍କ ସହ କଥା ହେଇଛି।

ମନରେ ମୋର ନୂଆ ଆଶା ସଞ୍ଚାର ହେଲା। ଲାଗିଲା ମୋ କଷ୍ଟର ଦିନ ସବୁ ଏବେ ସୁଖରେ ପରିଣତ ହେବାର ସମୟ ଆସିଗଲା।

କିଛି ସମୟ ନିରବ ରହି ସେ କହିଲେ- ତେବେ ଆଜି ମୁଁ ଏଠି ଆସିଛି ତମଠୁ ଗୋଟେ ଅନୁମତି ନେବା ପାଇଁ।

- ଅନୁମତି ! ହେଲେ କୋଉଥିପାଇଁ ?

-ଦ୍ୱିତୀୟ ବିବାହ ପାଇଁ।

*-ନଛିପୁର, ପୋ: ଇକିରି, ନୟାଗଡ଼*
*ମୋ: ୬୩୭୦୨୬୪୫୪୨*

## କେହିକେହି ବୁଢା ହେଇଯା'ନ୍ତି ଅଦିନରେ

**-ସତ୍ୟରଞ୍ଜନ ପ୍ରହରାଜ**

**ଅ**ଚାନକ କିଛି ଆଉ କହନ୍ତିନି ସେମାନେ
କିଛି ବି ଦେଖାନ୍ତିନି
ବିରୋଧ ନା ପ୍ରେମ
ନା ପ୍ରେମ ନା ପୀଡା
ନା ହୁଁ ନା ହାଁ
ନା ତାଙ୍କ ନୀରବତାର ନାଁ

ଦିନେ ଏମିତି ହଜିଯାନ୍ତି ସେମାନେ
ସମାନ ପୃଥିବୀରେ, ସମାନ ଘରେ
ଆତଯାତ ମଣିଷମାନଙ୍କ ଡାକରେ
ଅନ୍ଧାର ଓ ଅଳନ୍ଧୁଲଗା
ନିଜ ଖୋଳପା ଭିତରେ

କେହିକେହି ବୁଢା ହେଇଯାନ୍ତି ଅଦିନରେ
ଲାଖିରହନ୍ତି ଡାଳ କି ଡେଙ୍ଗରେ
ମଉଳିଯିବା ମରିଯିବା ଏକାକଥା ଜାଣନ୍ତି ବୋଲି
ଚୁପଚାପ୍ ଉଡିଯାନ୍ତି
ଆକାଶରୁ ମାଟିଆଡେ
ପୁଣି ମାଟିରୁ ପାଉଁଶ ଯାଏଁ

କେହିକେହି ବୁଢା ହେଇଯାନ୍ତି ଅଦିନରେ
ଯେବେ ଦିନଗୁଡା ଖୁବ୍ ଅସ୍ୱାଭାବିକ
ଓ ରାତିର ଏକାନ୍ତରେ
ନିଜପରି କେହିଜଣେ
ଯାଆସ କରେ

କେହିକେହି ବୁଢା ହେଇଯାନ୍ତି ଅଦିନରେ
ମରିଯିବାର ଆଶାରେ
କେହିକେହି ମରନ୍ତି ନାହିଁ ଜମା
ବୁଢାହେବା କ'ଣ ନଜାଣିଲା ଯାଏଁ !

*-୨୪୦/୭୮, ଲେନ ନଂ ୬, ଏରୋଡ୍ରୋମ ଏରିଆ,*
*ଭୁବନେଶ୍ୱର, ୭୫୧୦୨୦*
*ମୋ :୯୬୫୮୪୧୩୫୩୪*

## ତୃଷ୍ଣା ତୁଠେ

**-ଅନୀତା ପାଣି**

ହଜିବାର ଭୟ ନଥିଲା ତ କେବେ
ନ ଥିଲା ଖୋଜିବା ନିଶା,
ଯେବେ ତୁ ଆସିଲୁ ମଧୁରେ ଭାଷିଲୁ
ବାନ୍ଧିଲୁ ମନରେ ବସା।

ଅଜାଣତେ ତୋର ପାଦର ଶବଦ
ରହି ରହି ବାଜେ କାନେ,
ମୁରଲୀ ମଧୁରେ ସ୍ପନ୍ଦିତ କରାଏ
ଚେତନାର ଚିତ୍ତ ବନେ,
ବିରାଗ ବଳୟେ ରେଖାପାତ କରେ
ଏ ଜୀବନ ମଦାଳସା ।
ଯେବେ ତୁ ଆସିଲୁ ମଧୁରେ ଭାଷିଲୁ
ବାନ୍ଧିଲୁ ମନରେ ବସା ..

ଜହ୍ନର ରାଇଜେ ରୂପାର ଝରଣା
ତୃଷ୍ଣାତୁଠେ ତାରାଫୁଲ,
ଟିକିମିକି ତାରା ରାତିର ଅପ୍ସରା
କିଏ ହେବ ତୋର ତୁଲ,
ଭୁଲେନା ବି କେବେ ଭୁଲେଇ ପାରେନା
ବଦଳି ପାରେନା ଦିଶା।
ହଜିବାର ଭୟ ନଥିଲା ତ କେବେ
ନଥିଲା ଖୋଜିବା ନିଶା .....।

--------------------

*-ଅନୁଗୋଳ*
*ମୋ:୮୩୨୭୭୦୫୯୭୦*

## ହରି ଯାହା ଭାବୁଥିଲେ..


ଫିଲ୍ମ 'ଭଗିଆ ଭାରିଯା'ରେ ହରି-ଦେବଜାନୀ

ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି ଭାଇ। ସବୁବେଳେ ସେ ଚେଷ୍ଟା କରିଥାଆନ୍ତି ଏକ ସାମ୍ପ୍ରତିକ ଘଟଣାକୁ ସିନେମାର ରୂପ ଦେବାକୁ। ଆଜିକାଲି ରିଲ୍ ବନାଇବା ଏକ ଫେସନ ପାଲିଟି ଗଲାଣି। ଆଉ ଏଭଳି ଏକ କୌତୁହଳପୂର୍ଣ୍ଣ ବିଷୟକୁ ଆଧାର କରି ସେ ରଚନା କରିଥିବା କାହାଣୀ ଶେଷରେ ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇଛି। ଏହାର ଟାଇଟଲ ରହିଛି 'ଭଗିଆ ଭାରିଯା'। କାହାଣୀ ଅନୁସାରେ ଏକ ନିପଟ ମଫସଲରେ ରହୁଥିବା ଭଗିଆର ଭାରିଯାକୁ ଏହି ନିଶା ଘାରିଛି। ସେହି ନିଶାକୁ ନେଇ ସେ ଯେଉଁ ଲକ୍ଷ୍ୟ ରଖିଛି ତାହା ପୂରଣ ହେଉଛି କି ନାହିଁ ତାହାର ଉତ୍ତର ସିନେମାରେ ପାଇବେ। ହରିବୋଲ ମିଡିଆ ଏଣ୍ଟରଟେନମେଣ୍ଟ ପ୍ରା.ଲି. ବ୍ୟାନରରେ ଏହାର ଶୁଟିଂ ଚାଲୁ ରହିଛି। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା ମଧ୍ୟ ସେ କରିଛନ୍ତି। ''ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଛି 'ଭଗିଆ ଭାରିଯା'। ଏଥିରେ ଅନେକ କିଛି ଶିକ୍ଷଣୀୟ କଥା ଭରି ରହିଛି ବୋଲି କହନ୍ତି ହରି।'' ଡ. ଭୀଷ୍ମ ରଥ ଏବଂ ହରିହର ମହାପାତ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ହରି ଏହାର ନାୟକ ସାଜିଥିବା ବେଳେ ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଜାନୀ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଏହାର ବିଭିନ୍ନ ଭୂମିକାରେ ବବି ମିଶ୍ର ଏବଂ ପୁପିନ୍ଦର ମଧ୍ୟ ଦେଖିବାକୁ ମିଳିବେ।

## କ୍ରାଇମ୍ ସିରିଜରେ ଆଲିୟା

ଆଲିୟା ଭଟ୍ଟଙ୍କ ଖୁସି ଏବେ କହିଲେ ନ ସରେ। କାରଣ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନିର୍ଦ୍ଦେଶକ ରିଚି ମେହେଟ୍ଟାଙ୍କ ଆଗାମୀ କ୍ରାଇମ୍ ସିରିଜ୍‌ରେ ସେ ଅଭିନୟ କରୁଛନ୍ତି। ଏହାର ଟାଇଟଲ ରହିଛି 'ପୋଚର'। ରହସ୍ୟ ରୋମାଞ୍ଚ ଭରା କାହାଣୀକୁ ଆଧାର କରି ପ୍ରସ୍ତୁତ ଏହି ସିରିଜ୍‌ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଏଭଳି ସୁଯୋଗ ବିଷୟରେ ଆଲିୟା କହନ୍ତି, 'ରିଚିଙ୍କ ପରି ଜଣେ ନିର୍ଦ୍ଦେଶକଙ୍କ ଅଧୀନରେ କାମ କରିବାର ସୁଯୋଗ ଯେ, ମୋତେ ନିଶ୍ଚୟ ମିଳିବ ତାହା ମୋର ଆଶା ଥିଲା। ଯାହାହେଉ ତାହା ପୂରଣ ହୋଇଛି। ଯେତେବେଳେ ଏ ବିଷୟରେ ରିଚି ମୋ ସହ କଥା ହେଲେ ସେତେବେଳେ ମୋର ଦୃଢ଼ ବିଶ୍ୱାସ ହୋଇଥିଲା ଯେ, ଏହି ସିରିଜ୍ ଦର୍ଶକଙ୍କ ମନ ନିଶ୍ଚୟ ଜିଣିବ।' ଏହାର ପ୍ରଥମ ଟ୍ରେଲର ରିଲିଜ ହୋଇ ଭାଇରାଲ୍ ହୋଇଛି। ହାତୀ ଦାନ୍ତ ଶୀକାର ଏବେ ବଢ଼ି ବଢ଼ି ଚାଲିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ନେଇ ଉକ୍ତ ସିରିଜ୍ ନିର୍ମାଣ କରିଛନ୍ତି ରିଚି। ଏଥିରେ ଆଲିୟାଙ୍କ ବ୍ୟତୀତ ଦିବେନ୍ଦୁ ଭଟ୍ଟାଚାର୍ଯ୍ୟ, ରୋଶନ ମ୍ୟାଥୁ ଏବଂ ନିମିଷା ସାଜାୟନ ମଧ୍ୟ ଅଭିନୟ କରିଛନ୍ତି।


ଆଲିୟା

## ଏବେ ବି ମନେ ପଡେ..


କ୍ରିତି

କ୍ରିତି ସାନନ୍ ଅଭିନୟ କରିବା ପୂର୍ବରୁ ମଡେଲିଂ ସହ ଜଡିତ ଥିଲେ। ହେଲେ ସେ ନିଜର ପ୍ରଥମ ର୍ୟାମ୍ପ ଶୋ'କୁ ଏ ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି। ପ୍ରଥମ କଥା ହେଲା ଯେତେବେଳେ ସେ କ୍ୟାଟ୍ ୱାକ୍ ପାଇଁ ଷ୍ଟେଜ ତଳେ ପହଞ୍ଚିଲେ ସେତେବେଳେ ତାଙ୍କ ମନରେ ଭୟ ସଞ୍ଚାର ହୋଇଥିଲା। ଏ ନେଇ କ୍ରିତି କହନ୍ତି, 'ମୋର ପ୍ରଥମ ର୍ୟାମ୍ପ ଶୋ'କୁ ମୁଁ କଦାପି ଭୁଲି ପାରିବି ନାହିଁ। ଦିଲ୍ଲୀରେ ଆୟୋଜିତ ଏହି ଶୋ'ରେ ଅଂଶଗ୍ରହଣ କରିବାକୁ ମୁଁ ଆଗ୍ରହର ସହ ଅପେକ୍ଷା କରିଥିଲି। ଯେତେବେଳେ ଷ୍ଟେଜ୍ ପାଖରେ ପହଞ୍ଚିଲି ସେତେବେଳେ ମୋ ମନରେ ଭୟ ଆସିଥିଲା। କିନ୍ତୁ ମନକୁ ଦୃଢ଼ କରି ମୁଁ ଆଗକୁ ବଢ଼ିଲି। କ୍ୟାଟ୍ ୱାକ୍ କରିବା ସମୟରେ ମୋ ପାଦରେ ଯନ୍ତ୍ରଣା ଅନୁଭବ ହୋଇଥିଲା। କାରଣ ମୁଁ ଏକ ହାଇ ହିଲ୍ ପିନ୍ଧିଥିଲି। କଷ୍ଟ ସତ୍ତ୍ୱେ କ୍ୟାଟୱାକ୍ ଶେଷ କରି ଯେତେବେଳେ ବାହାରକୁ ଆସିଲି ଯନ୍ତ୍ରଣା ବଢ଼ି ଯାଇଥିଲା। ଏପରିକି ମୋ ଆଖିରେ ଲୁହ ଆସିଯାଇଥିଲା। ଏଭଳି ଘଟଣାକୁ ମୁଁ କଦାପି ଭୁଲି ପାରିବି ନାହିଁ।' 'ମିମି' ଫିଲ୍ମରେ ତାଙ୍କୁ ଏକ ସରୋଗେଟ୍ ମଦର ଭୂମିକାରେ ଦେଖିବାକୁ ମିଳିଥିଲା। ଏହି ରୋଲ୍ ପାଇଁ ସେ ୧୫ କି.ଗ୍ରା. ଓଜନ ବଢ଼ାଇଥିଲେ।

# ଅବସର ମିଳିଲେ...


ରଶ୍ମିକା

ରଶ୍ମିକା ମନ୍ଦାନାଙ୍କୁ ଅବସର ମିଳିଲେ ସେ କ'ଣ କରନ୍ତି ? ଯେତେବେଳେ ସେ ଟିକେ ଫୁରସତ ପାଆନ୍ତି ସେ ନିଜ ପୋଷା କୁକୁର ସହ ସମୟ କାଟନ୍ତି। କେବଳ ସେତିକି ନୁହେଁ ମନ ପସନ୍ଦର ମୁଭି ମଧ୍ୟ ଦେଖନ୍ତି। ନିଜର ଏଭଳି ଅଭ୍ୟାସ ବିଷୟରେ ସେ କହନ୍ତି, 'ମୋତେ ଟିକେ ଫୁରସତ୍ ମିଳିଲେ ମୁଁ ମୋ ପେଟ୍ ଡଗ୍ ସହ ଖେଳିଥାଏ। ତା' ସହ ନ ଖେଳିଲେ ମୋତେ ଭଲ ଲାଗେନା। ଆମେ ଦୁହେଁ ଘର ଗାର୍ଡେନ୍‌ରେ ବେଶ୍ ସମୟ ଖେଳୁ। ଏହାବାଦ ସମୟ ମିଳିଲେ ମୁଁ ମୋ ମନ ପସନ୍ଦର ସିନେମା ଦେଖିଥାଏ। ବିଶେଷଭାବରେ ହଲିଉଡ୍‌ର ହରର୍ ମୁଭି ମୋର ଭାରି ପସନ୍ଦ।' ରଶ୍ମିକାଙ୍କ ରିଲ୍ ଲାଇଫ ଆରମ୍ଭ ହୋଇଥିଲା ଏକ କନ୍ନଡ ଫିଲ୍ମରୁ। ଏହାର ଟାଇଟଲ ଥିଲା 'କିର୍‌କ ପାର୍ଟି'। ପ୍ରଥମ ସିନେମାଟିକୁ ଦର୍ଶକ ମଧ୍ୟ ଗ୍ରହଣ କରିଥିଲେ। ଏହାପୂର୍ବରୁ ମଡେଲିଂ ସହ ଜଡିତ ଥିଲେ ଏହି ଅଭିନେତ୍ରୀ। ସେ ସମୟରେ ରଶ୍ମିକା ଏକ ବିଜ୍ଞାପନ ପାଇଁ କାମ କରିଥିଲେ। ଯାହାକୁ ଦେଖି ସିନେମା ନିର୍ଦ୍ଦେଶକ ରିଷବ ସେଟ୍ଟି ତାଙ୍କୁ ନାୟିକା ଭୂମିକା ପାଇଁ ଚୟନ କରିଥିଲେ। ଏହାପରେ ସେ ଗୋଟିଏ ପରେ ଗୋଟିଏ କନ୍ନଡ, ତାମିଲ, ତେଲୁଗୁ ଏପରିକି ହିନ୍ଦୀ ସିନେମାରେ ଅଭିନୟ କରିଚାଲିଲେ। ନିର୍ଦ୍ଦେଶକ ବିକାଶ ବହଲ ତାଙ୍କୁ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ସୁଯୋଗ ଦେଇଥିଲେ। ଫିଲ୍ମଟି ଥିଲା 'ଗୁଡବାୟ'। କିନ୍ତୁ ଏହାପୂର୍ବରୁ ବ୍ଲକ୍ ବଷ୍ଟର ତେଲୁଗୁ ଫିଲ୍ମ 'ପୁଷ୍ପା : ଦ ରାଇଜ' ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ ଦେଇଥିଲା। ବର୍ତ୍ତମାନ ନିର୍ମାଣାଧୀନ 'ପୁଷ୍ପା-୨: ଦ ରୁଲ୍'ରେ ସେ ଆଲ୍ଲୁ ଅର୍ଜୁନଙ୍କ ଅପୋଜିଟ୍‌ରେ ଅଭିନୟ କରୁଛନ୍ତି।

## ସହ-ନିର୍ଦ୍ଦେଶକରୁ ଅଭିନେତା

ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ହେଉଛନ୍ତି ବରୁଣ ଧାୱନ। ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ଏହି ପୁତ୍ର ଅଭିନୟ ସହ ଜଡିତ ହେବା ପୂର୍ବରୁ ଆଉ ଏକ କାମ ସହ ଜଡିତ ଥିଲେ। କରନ୍ ଜୋହରଙ୍କ 'ମାଇଁ ନେମ୍ ଇଜ୍ ଖାନ୍' (୨୦୧୦)ର ସହ ନିର୍ଦ୍ଦେଶନା ଦେବାର ସୁଯୋଗ ତାଙ୍କୁ ମିଳିଥିଲା। ଆଉ ସେଭଳି ଦାୟିତ୍ୱକୁ ବେଶ୍ ସୂଚାରୁ ଭାବରେ ତୁଲାଇଥିଲେ। ଠିକ୍ ଏହାର ଦୁଇ ବର୍ଷ ପରେ କରନ୍ ତାଙ୍କୁ ଏକ ସରପ୍ରାଇଜ ଦେଇଥିଲେ। ଅର୍ଥାତ୍, ଅଭିନୟ କରିବାକୁ ସେ ଅଫର ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। ଏହି ଚିତ୍ରର ସଫଳତା ପରେ ସେ ଗୋଟିଏ ପରେ ଗୋଟିଏ ସିନେମାରେ ଅଭିନୟ କରିଚାଲିଛନ୍ତି। ନଟିଙ୍ଗହାମ୍ ଟ୍ରେଣ୍ଟ ୟୁନିଭର୍ସିଟିରୁ ସେ ବିଜନେସ୍ ଷ୍ଟଡିଜ୍‌ରେ ଡିଗ୍ରୀ ହାସଲ କରିଛନ୍ତି। କେବଳ ସେତିକି ନୁହେଁ, ଟାଇକୋଣ୍ଡୋରେ ସେ ଜଣେ ବ୍ଲାକ୍ ବେଲ୍ଟ ହୋଲ୍ଡର। ନିଜ ପ୍ରଶଂସକମାନଙ୍କ ସହ ଯୋଡି ହୋଇ ରହିବା ଲାଗି ସେ ପ୍ରାୟ ସୋସିଆଲ ମିଡିଆ ସହ ଜଡିତ ଥାଆନ୍ତି। ବଲିଉଡ୍‌ର ନାମୀ କଳାକାରଙ୍କର ମିମିକ୍ରି କରିବାରେ ସେ ବେଶ୍ ସିଦ୍ଧହସ୍ତ। ପଶୁପକ୍ଷୀ ପାଳିବା ତାଙ୍କର ଆଉ ଏକ ସଉକ। ଏସବୁ ସତ୍ତ୍ୱେ ନିଜର ଫିଟ୍‌ନେସ୍ ପ୍ରତି ଆଦୌ ସେ କେବେ ଅବହେଳା କରି ନ ଥାନ୍ତି।


ବରୁଣ

## ଲୋକପ୍ରିୟ ରକୁଲ୍

ରକୁଲ୍ ପ୍ରୀତ ସିଂଙ୍କର ଅଭିନୟ ବ୍ୟତୀତ ଆଉ ଏକ ବିଷୟ ପ୍ରତି ବେଶ୍ ଆଗ୍ରହ ରହିଛି। ଛାତ୍ରୀ ଜୀବନରୁ ହିଁ ତାଙ୍କର ଏଥିପ୍ରତି ଦୁର୍ବଳତା ଥିଲା। ତାହା କ'ଣ ଜାଣନ୍ତି? ଖେଳକୁଦ। ରକୁଲ୍‌ଙ୍କ ବାପା ଥିଲେ ଜଣେ ଆର୍ମି ଅଫିସର। ତେଣୁ ପିଲାଟି ଦିନରୁ ଏକ୍ସରସାଇଜ କରିବା ସହ ଖେଳ ପ୍ରତି ତାଙ୍କର ରୁଚି ରହିଥିଲା। ଏ ନେଇ ରକୁଲ୍ କହନ୍ତି, ' ସ୍କୁଲରେ ପଢ଼ିବା ଦିନରୁ ମୁଁ କରାଟେ ସହ ଜଡିତ ଥିଲି। ମୋର ସବୁଠାରୁ ପ୍ରିୟ ଖେଳ କ'ଣ ଜାଣନ୍ତି ? ଗଲ୍‌ଫ। ଏପରି କି ମୁଁ ଏଥିରେ ଦେଶକୁ ପ୍ରତିନିଧିତ୍ୱ କରିସାରିଛି। ତା'ସହ ମୋତେ ଲନ୍ ଟେନିସ୍ ଖେଳିବାକୁ ମଧ୍ୟ ଭଲ ଲାଗେ।' ଏସବୁ ବ୍ୟତୀତ ରକୁଲ୍‌ଙ୍କର ଆଉ ଏକ ଖେଳ ପ୍ରତି ମଧ୍ୟ ରୁଚି ରହିଛି। ତାହା ହେଲା ହର୍ଷ ରାଇଡିଙ୍ଗ ବା ଘୋଡା ଚଢ଼ା। ଏ ନେଇ ସେ ସ୍ୱତନ୍ତ୍ର ଭାବରେ ଟ୍ରେନିଂ ମଧ୍ୟ ନେଇଛନ୍ତି। ପ୍ରତିଦିନ ସକାଳେ ଘଣ୍ଟାଏ ଏକ୍ସରସାଇଜ କରିବାକୁ ଆଦୌ ଭୁଲି ନ ଥାନ୍ତି। ୨୦୧୧ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ପଞ୍ଚମ ରନର୍ସ-ଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ଗଣିତରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ରକୁଲ୍ ପିଲାଟି ଦିନରୁ ଜଣେ ଅଭିନେତ୍ରୀ ହେବାର ସ୍ୱପ୍ନ ଦେଖିଥିଲେ। ତାଙ୍କୁ ଯେତେବେଳେ ମାତ୍ର ୧୮ ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ମଡେଲିଂ ଆରମ୍ଭ କରିଥିଲେ।


ରକୁଲ୍

# ଟ୍ୟୁଶନ ଟଙ୍କାରେ ସାଇକେଲ୍ କିଣିଥିଲି

## ପ୍ରଥମ ରୋଜଗାର



ଶିକ୍ଷାବିତ୍ ତଥା ଲେଖକ **ଡ. କିଶୋର ଚନ୍ଦ୍ର ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଅ**ବିଭକ୍ତ କଟକ ଜିଲା ସୁକିନ୍ଦା ବ୍ଲକର କୁମୁଡ଼ି ଗ୍ରାମରେ ୧୯୬୧ରେ ମୋର ଜନ୍ମ। ମହାଦେବ ଉଚ୍ଚ ବିଦ୍ୟାଳୟ ହରିପୁରରୁ ଏକାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି ଓ ସୁକିନ୍ଦା ବ୍ଲକ୍‌ରେ ସବୁଠାରୁ ଅଧିକ ନମ୍ବର ରଖିଥିଲି । ଘରର ଚଳଣି ଏତେ ଭଲ ନ ଥାଏ । ଭଦ୍ରକ କଲେଜରେ ପଢ଼ିଲି । ସବୁଠୁ ବଡ଼ ଭାଇ ମହେନ୍ଦ୍ର କୁମାର ଦାଶ କେନ୍ଦୁଝର ଜିଲାର ଗୋଟିଏ ଗାଁରେ ପୋଷ୍ଟ ମାଷ୍ଟର ଥାଆନ୍ତି ଓ ଆଉ ଗୋଟିଏ ଛୋଟ ଦୋକାନ ଥାଏ । ଯୋଗକୁ ସେଇ ବର୍ଷ ବଡ଼ ଭାଇ ସୁରେନ୍ଦ୍ର କୁମାର ଦାଶ ମଧ୍ଯ ଜେନାପୁର ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ପଣ୍ଡିତ ହିସାବରେ ଯୋଗଦେଲେ । ବୋଧହୁଏ, ଦରମା ତିନି ଶହ ଟଙ୍କା ଥିଲା । ତିନିଶହ ଟଙ୍କାରୁ ମତେ ପ୍ରତି ମାସରେ ୧୦୦ ଟଙ୍କା ଦିଅନ୍ତି । ମାର୍ଚ୍ଚ ମାସରେ ଦରମା ପାଇବାରେ ଡେରି ହୁଏ, ତେଣୁ ସବୁଠୁ ବଡ଼ ଭାଇ ସେଇ ମାସର ତାଙ୍କର ସମ୍ପୂର୍ଣ୍ଣ ଦରମା ଅଶୀ ଟଙ୍କା ପଠାନ୍ତି, ଯାହା ନିଅଣ୍ଟ ପଡ଼େ । ସେତେବେଳେ ନ୍ୟାଶନାଲ୍ ସ୍କଲାରଶିପ୍ ଅଧିକ ନମ୍ବର ରଖିଥିବା ପ୍ରଥମ ପାଞ୍ଚ ଶହ ପିଲାଙ୍କୁ ମିଳେ । ସେହିବର୍ଷ ପ୍ରଥମ ପାଞ୍ଚ ଶହ ନମ୍ବର ରଖିଥିବା ପାଞ୍ଚଶହ ପିଲାଙ୍କ ଭିତରେ ମୋ ନାଁ ନ ଥିଲା । ମାତ୍ର ଗୋଟିଏ ନମ୍ବର ପାଇଁ ମୁଁ ନ୍ୟାଶନାଲ୍ ସ୍କଲାରଶିପ୍ ପାଇବାରୁ ବଞ୍ଚିତ ହେଲି । କିନ୍ତୁ ମତେ ଜୁନିଅର୍ ସ୍କଲାରଶିପ୍ ମାସିକ ଚାଳିଶ ଟଙ୍କା ମିଳିଲା । କିନ୍ତୁ ଏହା ପ୍ରତି ମାସରେ ନ ମିଳି ବର୍ଷ ଶେଷରେ ଏକାଥରେ ଚାରିଶହ ଅଶୀ ଟଙ୍କା ମିଳେ । ଯଦିଓ ଏହାକୁ ମୁଁ ପ୍ରଥମ ରୋଜଗାର ବୋଲି ଭାବେନି ତଥାପି ଏହା ମତେ ବହୁତ ଖୁସି ଦେଇଥିଲା । ବର୍ଷ ସାରା ହଳିଏ ପ୍ୟାଣ୍ଟ ଶାର୍ଟ ପିନ୍ଧୁଥିଲି ଓ ମୋ ପାଖରେ କିଛି ବହି ନ ଥିଲା । ସେଥିପାଇଁ ଏଇ ପଇସାରେ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନର ଦୁଇଟି ବହି ଓ ହଳେ ନୂଆ ପ୍ୟାଣ୍ଟ ଶାର୍ଟ କପଡା କିଣି ଦରଜି ପାଖରେ ବନେଇଲି । ଏବେ ମୋ ପାଖରେ ଦୁଇହଳ ଡ୍ରେସ୍ । ମୁଁ ବହୁତ ଖୁସି । ଆଇ.ଏସ୍‌ସି.ରେ ପ୍ରଥମ ଶ୍ରେଣୀରେ ପାସ୍ କଲା ପରେ ସେଇ ଭଦ୍ରକ କଲେଜରେ ଦୁଇ ବର୍ଷ ବି.ଏସ୍‌ସି. ମଧ୍ଯ ପଢ଼ି ପଦାର୍ଥ ବିଜ୍ଞାନ ସମ୍ମାନରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି। ତା'ପରେ ଆଞ୍ଚଳିକ ଯାନ୍ତ୍ରିକ ମହାବିଦ୍ୟାଳୟ, ରାଉରକେଲାରେ ପଦାର୍ଥ ବିଜ୍ଞାନରେ ଏମ.ଏସସି.ରେ ନାମ ଲେଖାଇଲି। ମାସକୁ ଅଢ଼େଇ ଶହ ଟଙ୍କା ଦିଅନ୍ତି। ମତେ ଲୋନ ସ୍କଲାରଶିପ୍ ଶହେ ପଚିଶ ଟଙ୍କା ମିଳେ, କିନ୍ତୁ ବର୍ଷ ଶେଷରେ । ହଲ୍-୪ରୁ କଲେଜ ଦୂର ଥାଏ, ସେଥିପାଇଁ ସବୁ ପିଲାଙ୍କର ସାଇକେଲ୍ ଥାଏ । କିଛି ଦିନ ଗଲାପରେ ବଡ଼ ନନାଙ୍କୁ କହିଲି ସାଇକେଲ୍‌ଟିଏ ଦବା ପାଇଁ । ଯାହା ହେଉ ସେ ରାଜି ହୋଇଗଲେ ଓ ମୁଁ ଦୁର୍ଗା ପୂଜା ଛୁଟିରେ ଆସି ସାଇକେଲ୍‌ଟି ନେଇଗଲି । କଲେଜ ଯିବା ଆସିବା ସୁବିଧା ହେଲା ଓ ବାହାରେ ବୁଲାବୁଲି ବି କରିହେଲା। ଦିନେ ଆମ୍ବବାଗନ ମାର୍କେଟ୍‌କୁ ଯାଇଥିଲି । ସାଇକେଲରେ ଚାବି ଦେଇ ମାର୍କେଟ୍‌ରୁ କିଛି ଜିନିଷ କିଣି ଫେରିଲା ବେଳକୁ ସାଇକେଲ୍ ନାହିଁ । ଯେତେ ଖୋଜାଖୋଜି କଲେ ବି ଆଉ ମିଳିଲାନି । ଥାନାରେ ଖବର ଦେଲି। କିଛି ଲାଭ ହେଲାନି । ବଡ଼ ଭାଇଙ୍କୁ ସାଇକେଲ୍ ଚୋରି ହୋଇଗଲା ବୋଲି ଜଣେଇଲିନି । ଆମର ଜଣେ ପ୍ରଫେସର୍ ଡ. ମିଶ୍ର କେମିତି ମୋ କଥା ଜାଣିଲେ କେଜାଣି ମତେ ଜଣଙ୍କ ଘରେ ଟ୍ୟୁଶନ କରିବାକୁ କହିଲେ। ସେକ୍ଟର୍-୧ରେ ଦାସ ବାବୁ ବୋଲି ଜଣଙ୍କ ଘରକୁ ମତେ ତାଙ୍କ ସ୍କୁଟରରେ ବସେଇ ନେଇଗଲେ। କଥାବାର୍ତ୍ତା ହେଲା ପରେ ତାଙ୍କର ନବମ ଶ୍ରେଣୀରେ ପଢୁଥିବା ଝିଅ ମାମିକୁ ପଢ଼ାଇବାକୁ କହିଲେ। ତା' ସହିତ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପଢୁଥିବା ଦୁଇ ଭାଇ ବସିବେ। ମାସକୁ ୧୦୦ ଟଙ୍କା ଦରମା। ୨/୩ କି.ମି ରାସ୍ତା, କେତେବେଳେ ଚାଲି ଚାଲି ତ କେତେବେଳେ କାହା ସାଇକେଲ୍ ଆଣି ପଢ଼େଇବାକୁ ଆସେ। ଏଇମିତି ତିନି ଚାରି ମାସ ପଢ଼େଇଲା ପରେ ମୋର ସାଇକେଲ୍ କିଣିବା ପାଇଁ ପଇସା ହୋଇଗଲା। ୩୫୦ ଟଙ୍କାରେ ଗୋଟିଏ ଲେଡିଜ୍ ସାଇକେଲ୍ କିଣିଲି। ଭାବିଲି ଲେଡିଜ୍ ସାଇକେଲ୍ କିଣିଲେ ଝିଆରୀକୁ ଦେଇଦେବି। ଏଇ ସାଇକେଲ୍ କିଣିବା ମୋର ପ୍ରଥମ ରୋଜଗାରରୁ ହୋଇଥିଲା ଏବଂ ମତେ ବହୁତ ଖୁସି ଆଣି ଦେଇଥିଲା । ତେବେ ଏମ୍.ଏସ୍‌ସି ପରେ ଚାକିରୀ ଜୀବନ ରାଉରକେଲାର ଗାନ୍ଧୀ ମହାବିଦ୍ୟାଳୟରୁ ଆରମ୍ଭ କରି ଶେଷରେ ଅଧକ୍ଷ ଭାବେ ବାଜି ରାଉତ୍ କଲେଜରୁ ୨୦୨୧ରେ ଅବସର ଗ୍ରହଣ କରିଥିଲି। ମୁଁ ଅନେକ ପାଠ୍ୟପୁସ୍ତକ ଲେଖିବା ସହ ଗଳ୍ପ ଓ ଉପନ୍ୟାସ ଲେଖିବାରେ ମଧ୍ଯ ରୁଚି ରଖିଛି। ନିକଟରେ ମୋର ଏକ ଉପନ୍ୟାସ 'ଚଗଲା ଓ ଚଗଲି' ମଧ୍ଯ ପ୍ରକାଶିତ ହୋଇଛି।




# ଲାଜୁଆ ଚାହାଣୀ ଅଳପ ହସ, ସହଜେ ଫିଟେନା ପ୍ରେମର ଫାଶ

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହିପାରୁ ନାହିଁ। ତା' ମନର କଥା ମୁଁ କେମିତି ଜାଣିବି ?

–ତନ୍ମୟ ଦାସ, ରାଉରକେଲା

**ଉତ୍ତର:** ପ୍ରଥମେ ମନରେ ସାହସ ଏକଜୁଟ୍ କରନ୍ତୁ। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ଯଦି ସମ୍ଭବ ତାହାର କାରଣ ଅନୁଧ୍ୟାନ କରନ୍ତୁ। ଯାହାକୁ ପ୍ରପୋଜ କରିଛନ୍ତି ତାହାର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। 'ଲାଜୁଆ ଚାହାଣୀ ଅଳପ ହସ, ସହଜେ ଫିଟେନା ପ୍ରେମର ଫାଶ'। ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ?

–ବିକାଶ ସାହୁ, କଟକ

**ଉତ୍ତର:** ପ୍ରେମ ଆଉ ନଖରାମି–ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବରେ ନେଇପାରନ୍ତି। କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲକା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ ?


–ଆଦିତ୍ୟ ମହାନ୍ତି, ଖୋର୍ଦ୍ଧା

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ତ ନିଜର ହେଲା ନାହିଁ। ପୁଣି ବର୍ତ୍ତମାନ ଆପଣଙ୍କ ବନ୍ଧୁର ସେ ଧର୍ମପତ୍ନୀ। ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଏହି ପ୍ରେମ ଆଗକୁ ଆଗାଏ, ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ସାଙ୍ଗ ଅର୍ଥାତ୍, ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ନ ହେଲେ କଥାଟି 'ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ' ପରି ହେବ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

–ସୁକୁମାର, ବଡବିଲ


**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !




# ପ୍ରେମ ପ୍ରଣୟର କବି

**ପ୍ରେମ ଓ ପ୍ରଣୟର କବି ପଦ୍ମଶ୍ରୀ ଡକ୍ଟର ମାୟାଧର ମାନସିଂହଙ୍କ ସ୍ମୃତିରେ...**






'ସକଳେ ଡାକନ୍ତି ତମେ ତମେ ବୋଲି ସେ ତମେର ମୂଲ ନାହିଁ, ତମେ ଯେତେବେଳେ ତମେ ବୋଲି ଡାକ ଏତେ ମିଠା କାହିଁ ପାଇଁ'-ଏହି କାଳଜୟୀ କବିତାର ସ୍ରଷ୍ଟା, ପ୍ରେମ ଓ ପ୍ରଣୟର କବି ପଦ୍ମଶ୍ରୀ **ଡକ୍ଟର ମାୟାଧର ମାନସିଂହ**। ତାଙ୍କ କାବ୍ୟ କବିତାରେ ଫୁଟେଇଛନ୍ତି ଅଜସ୍ର ଦରଦୀ ହୃଦୟର କଥା, ମଣିଷପଣିଆର ଗାଥା। ଓଡ଼ିଆ ଭାଷା ସାହିତ୍ୟକୁ ଏକାଧିକ କାବ୍ୟକବିତାରେ ଋଦ୍ଧିମନ୍ତ କରି ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି। ଏକାଧାରରେ କବି, ନାଟ୍ୟକାର, ସମାଲୋଚକ, ପ୍ରାବନ୍ଧିକ, ଶିଶୁ ସାହିତ୍ୟିକ, ଔପନ୍ୟାସିକ, ଦାର୍ଶନିକ, ଶିକ୍ଷକ ଓ ସର୍ବୋପରି ଜଣେ ମାନବପ୍ରେମୀ ମଣିଷ। ପୁରୀ ଜିଲା, ଚିଲିକା କୃଷ୍ଣପ୍ରସାଦ ଅଞ୍ଚଳର ଅଖ୍ୟାତପଲ୍ଲୀ ନନ୍ଦଳାରେ ୧୯୦୫ ମସିହା ୧୩ ନଭେମ୍ବରରେ ଜନ୍ମଲାଭ କରିଥିଲେ ମାୟାଧର ମାନସିଂହ। ତାଙ୍କ ମାତାଙ୍କ ନାମ ସୁଭଦ୍ରା ଦେବୀ ଓ ପିତା ପଦ୍ମଚରଣ ମାନସିଂହ। ମାୟାଧରଙ୍କୁ ଯେତେବେଳେ ୪ବର୍ଷ ହୋଇଥିଲା ସେହି ସମୟରେ ତାଙ୍କର ମାତାପିତା ମୃତ୍ୟୁବରଣ କରିଥିଲେ। ସମୟକ୍ରମେ ତାଙ୍କ ବଡ଼ବାପା ଅଗାଧୁ ନାୟକ ମାୟାଧରଙ୍କ ଦାୟିତ୍ୱ ନେଇଥିଲେ। ସ୍କୁଲ ବୟସରୁ ମାୟାଧର ମେଧାବୀ ଥିଲେ। ତୁଳସୀ ଦୁଇପତ୍ରରୁ ବାସିଲାଭଳି ବାଲ୍ୟକାଳରୁ ଜଣାପଡ଼ିଥିଲା ତାଙ୍କ ପ୍ରତିଭା। ସେତେବେଳେ ସେ ପାରିକୁଦ, ବାଣପୁରରେ ପ୍ରାଥମିକ ଓ ମଧ୍ୟ ଇଂରାଜୀ ଏବଂ ଖୋର୍ଦ୍ଧାରେ ହାଇସ୍କୁଲ ପାଠ ପଢ଼ିଥିଲେ। ପରେ ରେଭେନ୍‌ଶା କଲେଜ, ପାଟଣା ବିଶ୍ୱବିଦ୍ୟାଳୟ ଓ ଲଣ୍ଡନର ଡରହମ୍ ବିଶ୍ୱବିଦ୍ୟାଳୟରୁ କାଳି ଦାସ ଏବଂ ସେକ୍ସପିୟରଙ୍କ ଉପରେ ତୁଳନାତ୍ମକ ସନ୍ଦର୍ଭ ଲେଖି ଡକ୍ଟରେଟ ଉପାଧି ଲାଭ କରିଥିଲେ। ଇଂଲିଶରେ ଡକ୍ଟରେଟ ପାଇବାରେ ସେ ହେଲେ ପ୍ରଥମ ଓଡ଼ିଆ। ସମୟକ୍ରମେ ଜଣେ ଆଦର୍ଶ ଶିକ୍ଷକ ଭାବେ ବାଣପୁର ଓ ନିମାପଡ଼ାରେ ସେ ଶିକ୍ଷକତା କରିଥିଲେ। ଏଥିସହିତ ତାଙ୍କର ସାହିତ୍ୟକୃତି ପାଇଁ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। କବି ମାନସିଂହଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ ଧୂପ, ସାଧବ ବୋହୂ, ଜେମା, ହେମପୁଷ୍ପ, ହେମଶସ୍ୟ, ପଲ୍ଲୀସନ୍ଧ୍ୟା, ମହାନଦୀରେ ଜ୍ୟୋତ୍ସ୍ନାବିହାର, ରୂପଦେବତା, କୋଣାର୍କ, ବପୁ ତର୍ପଣ, ଅକ୍ଷତ, ମାଟିବାଣୀ, ଓଡ଼ିଆ ସାହିତ୍ୟର ଇତିହାସ ଆଦି ଅନେକ ପୁସ୍ତକ ରହିଛି। ଏକାଧିକ ପତ୍ରିକାକୁ ସମ୍ପାଦନା ମଧ୍ୟ କରିଥିଲେ। ୧୧ଅକ୍ଟୋବର ୧୯୭୩ ମସିହାରେ ମାୟାଧର ମାନସିଂହଙ୍କ ବିୟୋଗ ହୋଇଥିଲା। ଅନ୍ୟପକ୍ଷେ କବିଙ୍କ ପତ୍ନୀ ହେମଲତା ମାନସିଂହ ଥିଲେ ଜଣେ ସୁଲେଖିକା ତଥା ସୁଗୃହିଣୀ । ଜ୍ୟେଷ୍ଠପୁତ୍ର ଲଲାଟେନ୍ଦୁ ମାନସିଂହ କାନାଡ଼ାରେ ପ୍ରଫେସର ଥିବା ସମୟରେ, ମଧ୍ୟମ ପୁତ୍ର ଲଳିତେନ୍ଦୁ ମାନସିଂହ ଓଡ଼ିଶାର ପ୍ରଥମ ଆଇଏଫ୍‌ଏସ୍ ଅଧିକାରୀ ଭାବେ ଅବସ୍ଥାପିତ ଥିଲେ। ତୃତୀୟ ପୁତ୍ର ଲାବଣ୍ୟେନ୍ଦୁ ମାନସିଂହ ଭାରତୀୟ ପ୍ରଶାସନିକସେବାରେ ଯୋଗଦେଇଥିଲେ। କବିଙ୍କ ଦୁଇ କନ୍ୟା ନିବେଦିତା ଓ ସଂଘମିତ୍ରା ବିବାହିତା। କବିଙ୍କ ଗାଁ ନନ୍ଦଳାରେ ପ୍ରବେଶମାତ୍ରେ ନଜର ପଡ଼ିବ ପୂର୍ବରୁ-ପଶ୍ଚିମକୁ ଲମ୍ବିଥିବା ସାହି ; ଯେଉଁଠି ମାୟାଧର ଭୂମିଷ୍ଠ ହୋଇଥିଲେ। ସେହି ସ୍ଥାନ ୧୯୪୨ ମସିହା ବନ୍ୟା ପରଠାରୁ ଗାଁର ପୂର୍ବକୁ ଘୁଞ୍ଚି ଆସିଛି। ଏଠାରେ ଅଧୁନା ବୃନ୍ଦାବତୀ ଷ୍ଟାଡିୟମ ବିଦ୍ୟମାନ। କବିଙ୍କ ଉଦ୍ଦେଶ୍ୟରେ ଗ୍ରାମରେ ଡ. ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ ପ୍ରତିଷ୍ଠା ହୋଇଛି। ଗ୍ରାମର ଯୁବକମାନଙ୍କ ମିଳିତ ଉଦ୍ୟମରେ ମାନସିଂହ ପାଠାଗାର ଚାଲୁଛି। ୨୦୦୬ରେ ସ୍ୱର୍ଗତ ମାନସିଂହଙ୍କ ଉଦ୍ଦେଶ୍ୟରେ ସମାଧିପୀଠ ନିକଟରେ ଏକ ପ୍ରତିମୂର୍ତ୍ତି ସ୍ଥାପନା ହୋଇଛି। ଏଥିସହିତ ତାଙ୍କ ନାମରେ ମାନସିଂହ ମାର୍ଗ ଓ ଏକ ପାର୍କ ନାମିତ ହୋଇଛି। କବିଙ୍କ ବ୍ୟବହୃତ କେତେକ ସାମଗ୍ରୀ, ପୁରୁଣା ଚିଠି ତଥା ପୁସ୍ତକମାନ କବିଙ୍କପୁତୁରା କିଶୋର ବିଷୋୟୀଙ୍କ ପାଖରେ ମହଜୁଦ ଅଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାନସିଂହ ପାଠାଗାରର ମିଳିତ ଉଦ୍ୟମରେ ପ୍ରତିବର୍ଷ ନନ୍ଦଳାରେ ମାନସିଂହ ଜୟନ୍ତୀ ପାଳିତ ହୋଇ ଆସୁଛି। ସେହିପରି ମାନସିଂହ ସାହିତ୍ୟ ସଂସଦ ଦ୍ୱାରା କବିତା ଆସର ଏବଂ ପ୍ରତିବର୍ଷ ଡିସେମ୍ବରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏଠାରେ ପ୍ରତିଭାବାନ୍ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ଏକ ଲୋକପ୍ରିୟ ପତ୍ରିକା 'ଏଇ ସହକାର' ବର୍ଷରେ ୪ଥର ପ୍ରକାଶ ପାଇଥାଏ। ବିଷ୍ଣୁପ୍ରସାଦ ଦଳେଇ, ଲଳିତ କୁମାର ସ୍ୱାଇଁ ଏହାର ସମ୍ପାଦନା କାର୍ଯ୍ୟ ତୁଲାଇଥାନ୍ତି । କବିଙ୍କ ନିଜସ୍ୱ ମୌଳିକ ଲେଖାରୁ ଆମକୁ ସର୍ବଦା ପ୍ରେରଣା ମିଳୁଛି। କିଶୋରଚନ୍ଦ୍ର ବିଶୋଇ କୁହନ୍ତି, କଟକରେ ମାୟାଧର ମାନସିଂହ ରହୁଥିଲେ। ସେତେବେଳେ ତାଙ୍କ ପାଖରେ ମୁଁ ରହି ହାଇସ୍କୁଲରେ ପଢୁଥିଲି। ସେ ଯେଉଁ କବିତା ଲେଖନ୍ତି, ମୁଁ ସେହି କବିତାକୁ ଦେଖି ସୁନ୍ଦର ଅକ୍ଷରରେ ଲେଖେ,ପରେ ତାହା ପ୍ରେସକୁ ପଠାଯାଏ। ବନବିହାରୀ ପଟ୍ଟନାୟକଙ୍କ ମତରେ, ଡ.ମାୟାଧର ମାନସିଂହଙ୍କ କବିତାରେ ଜାତୀୟତାବାଦ, ଆଧ୍ୟାତ୍ମିକତା ଓ ପଲ୍ଲୀର ନିଛକ ଛବି ପ୍ରତିଫଳନ ହୋଇଥାଏ। ଶିକ୍ଷାବିତ୍ ଭାଗୀରଥି ବେହେରା କୁହନ୍ତି, ପଦ୍ମଶ୍ରୀ କବି ମାୟାଧର ମାନସିଂହଙ୍କ କାଳଜୟୀ କୃତି ମୋ ପରି ପ୍ରତ୍ୟେକ ଓଡ଼ିଆଙ୍କୁ ସାହିତ୍ୟ ଅନୁରାଗୀ ହେବାରେ ପ୍ରେରଣା ଦେଇଥାଏ। ଡ.ଅଭିମନ୍ୟୁ ଜେନା କୁହନ୍ତି, କବି ମାୟାଧର ମାନସିଂହଙ୍କ ସୃଷ୍ଟି ସମ୍ଭାର ପଢ଼ିବାରେ ଯେତିକି ଆବେଗ ସୃଷ୍ଟିହୁଏ ଜୀବନର ପ୍ରେମଭାବକୁ ପରଖିବାରେ ସେମିତି ଶିକ୍ଷାମିଳେ। ତେବେ ରାଜ୍ୟ,ବାହାର ରାଜ୍ୟର ବହୁ ଖ୍ୟାତିସମ୍ପନ୍ନ ବ୍ୟକ୍ତି କବିଙ୍କ ଅନୁଷ୍ଠାନ ସହିତ ଜଡ଼ିତ ଥିବାବେଳେ ନନ୍ଦଳା ଗ୍ରାମବାସୀ, ସଂକୀର୍ତ୍ତନ ମଣ୍ଡଳୀ ସହଯୋଗରେ ପ୍ରତିବର୍ଷ କବିଙ୍କ ଉଦ୍ଦେଶ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କବିଙ୍କ କୃତିର ସ୍ମୃତି ଚାରଣ କରାଯାଇଥାଏ।

**- ବନବିହାରୀ, କୈଳାସ ଚନ୍ଦ୍ର ପଟ୍ଟନାୟକ**








## ହାଃ ହାଃ

### ଏକ୍ସ-ରେ

ଡାକ୍ତର: ଆପଣଙ୍କ ଏକ୍ସ-ରେ ରେ ହାଡ଼ ଭାଙ୍ଗିଛି ବୋଲି ଦେଖାଯାଉଛି।
ରୋଗୀ: ହେ ଭଗବାନ୍, ଧନ୍ୟବାନ। ଯାହା ହେଉ ଏକ୍ସ-ରେ ରେ ହାଡ଼ ଭାଙ୍ଗିଛି। ସତରେ ଭାଙ୍ଗିନି। ନହେଲେ ବହୁତ ଖର୍ଚ୍ଚ ହେଇଥାଆନ୍ତା।

### ଦିଦି

କଲେଜକୁ ନୂଆ ଆସିଥିବା ଜଣେ ଝିଅକୁ ଯୁବକ- ତୁମ ନାମ କ'ଣ ?
ଝିଅ- ମତେ ସମସ୍ତେ ଦିଦି ଡାକନ୍ତି।
ଯୁବକ- ଆରେ ବାଃ କି ସଂଯୋଗ, ମତେ ବି ସମସ୍ତେ ଜିଜୁ ଡାକନ୍ତି।

### ଫରକ

ପ୍ରଥମ ସାଙ୍ଗ ଦ୍ୱିତୀୟ ସାଙ୍ଗକୁ- କହିଲୁ ଦେଖି ବିବାହିତ ପୁରୁଷ ଓ ବିବାହିତା ନାରୀଙ୍କ ଭିତରେ ଫରକ୍ କ'ଣ ?
ଦ୍ୱିତୀୟ ସାଙ୍ଗ- ବେକରେ ମଙ୍ଗଳ ସୂତ୍ର ଲଟକିଥିଲେ ନାରୀ ବିବାହିତା ଓ ମୁହଁ ଲଟକିଥିଲେ ପୁରୁଷ ବିବାହିତ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।







# ବାରିପଦାର ଶ୍ରୀଜଗନ୍ନାଥ ମନ୍ଦିର

ବୁଢ଼ାବଳଙ୍ଗ ନଦୀକୂଳରେ ଅବସ୍ଥିତ ବାରିପଦା ସହର ମୟୂରଭଞ୍ଜ ଜିଲାର କେନ୍ଦ୍ରସ୍ଥଳୀ। ଏହାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମଧ୍ୟ କୁହାଯାଏ। କାରଣ ଏଠାରେ ରହିଛି ଦୁଇଟି ମନ୍ଦିର ; ଗୋଟିଏ ବଡ଼ ଜଗନ୍ନାଥ ମନ୍ଦିର ଓ ଅନ୍ୟଟି ବାଣ୍ଟିଆ ଜଗନ୍ନାଥ ମନ୍ଦିର। ବଡ଼ ଜଗନ୍ନାଥ ମନ୍ଦିର ହେଉଛି ବାରିପଦାର ଏକ ପ୍ରମୁଖ ଦର୍ଶନୀୟ ସ୍ଥାନ। ତଥ୍ୟ ଅନୁଯାୟୀ, ରାଜା ବୈଦ୍ୟନାଥ ଭଞ୍ଜଙ୍କ ଦ୍ୱାରା ଏହି ମନ୍ଦିରଟି ନିର୍ମିତ ହୋଇଥିଲା। ମନ୍ଦିରର ବିମାନ, ଜଗମୋହନ ଏବଂ ନାଟମଣ୍ଡପ ଏକ ବିସ୍ତୀର୍ଣ୍ଣ ପ୍ରାଚୀର ମଧ୍ୟରେ ଅବସ୍ଥିତ। ମନ୍ଦିରର ଆଭ୍ୟନ୍ତର ଦେଶରେ ନବଗ୍ରହ, ଗଜଲକ୍ଷ୍ମୀ, ଗଙ୍ଗା, ଯମୁନା, ଜାମବଳ ଏବଂ ଜୈନ ତୀର୍ଥଙ୍କରମାନଙ୍କ ପ୍ରତିକୃତି ରହିଛି। ଏଠାରେ ମଧ୍ୟ ଋଷଭନାଥଙ୍କ ମୂର୍ତ୍ତି ରହିଛି ; ଯାହା ଦୁଇ ପାଖୁଡ଼ାବିଶିଷ୍ଟ ପଦ୍ମ ଉପରେ କାୟତୋସର୍ଗ ମୁଦ୍ରାରେ ଦଣ୍ଡାୟମାନ। ମନ୍ଦିରର ଭିତର ପାର୍ଶ୍ୱରେ ଅବସ୍ଥିତ ଶ୍ରୀବିଷ୍ଣୁଙ୍କର କୀରିଟ ମୁକୁଟ ପରିହିତ, ଚକ୍ର ପୁରୁଷ ଏବଂ ଗଦାଙ୍କ ଉପସ୍ଥିତି ମୂର୍ତ୍ତିଟିକୁ ବିଷ୍ଣୁଙ୍କର ପ୍ରମାଣିତ କରୁଥିବାବେଳେ ତାଙ୍କର ଦକ୍ଷିଣ ହସ୍ତରେ ଧରିଥିବା ଅକ୍ଷମାଳ ଏହାକୁ ଲୋକେଶ୍ୱର ବୁଦ୍ଧଙ୍କର ବୋଲି କିଛି ଗବେଷକ ମତ ଦିଅନ୍ତି। ଏହା ସ୍ଥାନୀୟ ଭାବରେ ମୁଦଗଲ ମାଧବ ଭାବେ ପୂଜିତ ହେଉଥିବା ବେଳେ ଗବେଷକମାନେ ଏହାକୁ ବୌଦ୍ଧ ଲୋକେଶ୍ୱର ହରିହର ବା ନାରାୟଣ ଭାବେ ନାମିତ କରିଛନ୍ତି।

## ପୂଜାବିଧି

ବଡ଼ ଜଗନ୍ନାଥ ମନ୍ଦିରର ବଡ଼ପଣ୍ଡା ଅରୁଣ ନନା କୁହନ୍ତି,'ବଡ଼ ଜଗନ୍ନାଥ ମନ୍ଦିରର ଭୋଗରାଗ ପୁରୀ ଜଗନ୍ନାଥ ମନ୍ଦିର ପରି। ଏଠାରେ ସକାଳ ସମୟରେ ବାଳଭୋଗ ବା ପହିଲି ଭୋଗରେ ପୋଡ଼ପିଠା, କାଠି ମୋହନଭୋଗ, ଗୁଡ଼ ଉଖୁଡା, ଘିଅ, ଗୁଡ଼, ଖୁଆ ଆଦି ଲାଗି ହୁଏ। ମଧ୍ୟାହ୍ନ ସମୟରେ ଦଳା ଖେଚୁଡ଼ି, ମୋଟା ଖେଚୁଡ଼ି, ଘିଅ, ରାମ ରୁଚକ, ଘାଣ୍ଟ, ଦହି, ଶାଗଭଜା, ବାଇଗଣ ଭଜା, ଡାଲି ଆଦି ପ୍ରସାଦ ହୁଏ। ସନ୍ଧ୍ୟା ସମୟରେ ଆରିସା ପିଠା, ଲଡୁ, ଦହି, ମିଶ୍ରି ଛେନାପୋଡ଼ ଏବଂ ସନ୍ଧ୍ୟାଆଳତି ପରେ ସରୁ ଅରୁଆ, ଘିଅ, ରାମ ରୁଚକ, ଡାଲି, ଘାଣ୍ଟ, ଶାଗଭଜା ଓ ରାତ୍ରିରେ ମୋଟା ଅରୁଆ, ଡାଲି, ଘାଣ୍ଟ, ଉଖୁଡ଼ା, କାକରା ପିଠା ଆଦି ଲାଗି ହୁଏ। ଖରାଦିନେ ସନ୍ଧ୍ୟା ଭୋଗରେ ଦହିପଖାଳ ମଧ୍ୟ ଲାଗି ହୁଏ। ସେହିପରି ପ୍ରତିବର୍ଷ ଏଠାରେ ମହାପ୍ରଭୁଙ୍କର ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। କିନ୍ତୁ ପୁରୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଯେଉଁଦିନ ରଥଯାତ୍ରା ଅନୁଷ୍ଠିତ ହୁଏ ଠିକ୍ ତା'ପରଦିନ ଏଠାରେ ଯାତ୍ରା ହୁଏ। ତେବେ ଏହାର ବିଶେଷତ୍ୱ ହେଉଛି କେବଳ ମହିଳାମାନେ ହିଁ ଏଠାରେ ଦେବୀ ସୁଭଦ୍ରାଙ୍କ ରଥ ଟାଣିଥାନ୍ତି।

## ଆଉ କ'ଣ ଦେଖିବେ

✼ **ବାଣ୍ଟିଆ ଜଗନ୍ନାଥ ମନ୍ଦିର:** ବାରିପଦାର ବଡ଼ ଜଗନ୍ନାଥ ମନ୍ଦିର ବ୍ୟତୀତ ଅନ୍ୟ ଏକ ବିଶିଷ୍ଟ ଜଗନ୍ନାଥ ମନ୍ଦିର ହେଉଛି ବାଣ୍ଟିଆ ଜଗନ୍ନାଥ ମନ୍ଦିର। ଏହା ଶ୍ରୀନାଥ ଭଞ୍ଜଙ୍କ ଦ୍ୱାରା ୧୮ଶହ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା। ଏଠାରେ ମଧ୍ୟ ପ୍ରତିବର୍ଷ ପ୍ରଭୁଙ୍କର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ।

✼ **ଭୀମେଶ୍ୱରୀ:** ବାରିପଦାର ଅନ୍ୟ ଏକ ମନ୍ଦିର ହେଉଛି ଭୀମେଶ୍ୱରୀ ମନ୍ଦିର ; ଯାହା କାଳନଦୀ ତଟର ପେଡ଼ାଗାଡ଼ି ଗାଁରେ ଏକ ପର୍ବତ ଶିଖରରେ ଅବସ୍ଥିତ। ଏହା ବାରିପଦା ସହରଠାରୁ ୫୫ କି.ମି. ଦୂରରେ ରହିଛି। ଏଠାରେ କାର୍ତ୍ତିକେୟ, ଚାମୁଣ୍ଡା, ଭୈରବ, ବରାହୀଙ୍କ ମୂର୍ତ୍ତି ଏକ କ୍ଷୁଦ୍ର ମଣ୍ଡପରେ ଖୋଦିତ ହୋଇଛି। କାର୍ତ୍ତିକେୟଙ୍କ ଦୁଇ ହସ୍ତ ବିଶିଷ୍ଟ ମୂର୍ତ୍ତିଟି ନଅଶହ ଖ୍ରୀଷ୍ଟାବ୍ଦର ନିର୍ମାଣଶୈଳୀକୁ ସୂଚାଏ। ମଇଁଷି ବାହନରେ ଆସୀନ ଯମଙ୍କର ପ୍ରତିକୃତି ମଧ୍ୟ ଏଠାରେ ଦେଖିବାକୁ ମିଳେ। ନିକଟରେ ଲୋକନାଥେଶ୍ୱର ମନ୍ଦିର ମଧ୍ୟ ଅବସ୍ଥିତ।

✼ **ହରିପୁର:** ବୁଢ଼ାବଳଙ୍ଗ ନଦୀର ଦକ୍ଷିଣ ତଟର ୧୭ କି.ମି. ଦୂରରେ ହରିପୁର ଅବସ୍ଥିତ। ଏହାର ପ୍ରତ୍ନତାତ୍ତ୍ୱିକ ଖନନ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା କରାଯାଇଥିଲା। ପୁରାତନ କିମ୍ବଦନ୍ତୀ ଅନୁଯାୟୀ, ୧୪୦୦ ଖ୍ରୀଷ୍ଟାବ୍ଦରେ ରାଜା ହରିହର ଭଞ୍ଜଙ୍କ ନାମାନୁଯାୟୀ ଏହି ସ୍ଥାନକୁ ହରିହରପୁର ଭାବେ ନାମିତ କରାଯାଇଥିଲା। ଏଠାରେ ଏକ ସୁନ୍ଦର ଟେରାକୋଟା ଶିଳ୍ପକଳା ବିଶିଷ୍ଟ ମନ୍ଦିର ରହିଛି ; ଯାହା ରସିକରାୟ ମନ୍ଦିର ଭାବରେ ରାଜା ବୈଦ୍ୟନାଥ ଭଞ୍ଜଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ପଶ୍ଚିମବଙ୍ଗର ବିଷ୍ଣୁପୁରସ୍ଥିତ ମନ୍ଦିରର ନିର୍ମାଣଶୈଳୀ ସହ ଏହା ତୁଳନୀୟ। ପ୍ରତାପପୁର ଓ ହରିପୁରଗଡ଼ର ସୀମାବର୍ତ୍ତୀ ବଡ଼ପଣ୍ଡାଠାରେ ଅବସ୍ଥିତ ମହିଷମର୍ଦ୍ଦିନୀ ମୂର୍ତ୍ତି ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ଗଡ଼ଚଣ୍ଡୀ ରୂପରେ ପୂଜା ପାଆନ୍ତି।

✼ **ମାଣତିରିର କଖାରୁଆ ବୈଦ୍ୟନାଥ ମନ୍ଦିର:** ବାରିପଦା ସହରଠାରୁ ପ୍ରାୟ ୩୬ କି.ମି. ଦୂର ଓ ବଡ଼ସାହିର ଦକ୍ଷିଣ ପୂର୍ବ ଦିଗର ୧୦ କି.ମି. ଦୂରରେ ସ୍ଥିତ ମାଣତିରିଠାରେ କଖାରୁଆ ବୈଦ୍ୟନାଥ ମନ୍ଦିର ଅବସ୍ଥିତ। ଏହାର ନିର୍ମାଣ ଶୈଳୀରୁ ଏହା ୧୫ଶହ ଶତାବ୍ଦୀର ବୋଲି ପ୍ରତୀତ ହୁଏ। ତା'ଛଡ଼ା ଏହି ମନ୍ଦିରର ଗଠନଶୈଳୀ ବଡ଼ ଜଗନ୍ନାଥ ମନ୍ଦିରର ଗଠନଶୈଳୀ ସହ ପ୍ରାୟତଃ ସମାନ ବୋଲି କୁହାଯାଏ। ଏହାର ତୋରଣ ୧୧ଶହ ଖ୍ରୀଷ୍ଟାବ୍ଦର ନିର୍ମାଣ ଶୈଳୀକୁ ଦର୍ଶାଏ।

– ଡ. ଅରବିନ୍ଦ ବୋଷ
ଅଧ୍ୟାପକ, ଗବେଷକ (ଇତିହାସ)
ମୋ : ୬୩୭୦୧୪୧୭୬୩



# ମହିଳାଙ୍କ ପସନ୍ଦ ଡେଙ୍ଗା ପୁରୁଷ



**ମହିଳା ନିଜ ଜୀବନ ସାଥୀ ଭିତରେ ଖୋଜିଥାନ୍ତି କିଛି ଖାସ୍ ବିଶେଷତ୍ୱ, ଯେମିତିକି ସେ ସ୍ୱଭାବରେ ଭଲ ହୋଇଥିବେ। କେୟାରିଂ ନେଚରର ହେବାସହ ତାଙ୍କୁ ଖୁବ୍ ଭଲ ପାଉଥିବେ। ଏହାବାଦ୍ ବି ଜଣେ ନାରୀ ପୁରୁଷ ଭିତରେ ଆଉ ଏକ ବିଶେଷତ୍ୱକୁ ବି ଗୁରୁତ୍ୱ ଦିଏ। ସେ ହେଉଛି ମନର ମଣିଷ ଡେଙ୍ଗା ହୋଇଥିବେ। ହଁ ପ୍ରାୟ ମହିଳାଙ୍କର ପସନ୍ଦ ଡ଼େଙ୍ଗା ପୁରୁଷ। ତେବେ କାହିଁକି ଜାଣନ୍ତୁ ସେ ସମ୍ପର୍କରେ...**







ନିକଟରେ ହୋଇଥିବା ଏକ ଗବେଷଣା କହେ ଅଧିକାଂଶ ଝିଅ ଜୀବନସାଥୀ ବାଛିବାବେଳେ ଅଧିକ ଉଚ୍ଚତା ଥିବା ପୁରୁଷଙ୍କୁ ଅଧିକ ପସନ୍ଦ କରନ୍ତି। ଜର୍ମାନୀର ୟୁନିଭର୍ସିଟି ଅଫ୍ ଜୋଟିଙ୍ଗେନ କରିଥିବା ଏହି ଗବେଷଣା ଅନୁସାରେ ମହିଳାମାନେ ନିଜ ଜୀବନସାଥୀ ଖୋଜିବାବେଳେ ଉଚ୍ଚତାକୁ ବେଶି ଗୁରୁତ୍ୱ ଦିଅନ୍ତି। କାରଣ ମହିଳାଙ୍କୁ ଲାଗେ ଡେଙ୍ଗା ପୁରୁଷ ଅଧିକ ବଳବାନ। ତେଣୁ ପୁରୁଷଙ୍କ ପାଖରେ ମହିଳାମାନେ ସୁରକ୍ଷିତ ଅନୁଭବ କରନ୍ତି। ତା'ସହ ସେମାନଙ୍କର ଧାରଣା ଥାଏ ଯେ, ଏଭଳି ପୁରୁଷ ତାଙ୍କର ଓ ପରିବାରର ଭଲଭାବେ ଧ୍ୟାନ ରଖିପାରିବେ। କିଛି ଗବେଷଣା ଏହା ବି କହେ ଯେ, ଡେଙ୍ଗା ପୁରୁଷ ଅଧିକ ସଫଳ ହୋଇଥାନ୍ତି ଓ ଅଧିକ ରୋଜଗାର କରନ୍ତି। ତେଣୁ ମହିଳାମାନେ ଏଭଳି ପୁରୁଷଙ୍କ ପ୍ରତି ବେଶି ଆକୃଷ୍ଟ ହୁଅନ୍ତି। ବଡ଼ ପରଦା ଓ ଟିଭିର ଛୋଟ ପରଦାରେ ଅଧିକାଂଶ ଅଭିନେତା ଡେଙ୍ଗା ଓ ହ୍ୟାଣ୍ଡସମ୍ ହୋଇଥାନ୍ତି। ମହିଳାମାନେ ସାଧାରଣତଃ ପରଦା ଉପରେ ଯେମିତି ପୁରୁଷ ଦେଖନ୍ତି ମନରେ ଜୀବନସାଥୀର ଛବି ବି ସେହିଭଳି ଗଢିଥାନ୍ତି। ସମାଜ ବି ସବୁବେଳେ ଚାହେଁ ନାରୀଠୁ ପୁରୁଷର ଉଚ୍ଚତା ଅଧିକ ହେଉ ବୋଲି। ଯଦି କମ୍ ଉଚ୍ଚତାର ପୁରୁଷ ନାରୀର ଜୀବନସାଥୀ ହୁଏ ଲୋକେ ନାନା କଥା କୁହନ୍ତି। ତେଣୁ ନାରୀ ସବୁବେଳେ ଡ଼େଙ୍ଗା ପୁରୁଷ ଚାହେଁ। ଏହାବାଦ ଆଉ କିଛି ଗବେଷଣା କହେ ଯେ, ଡ଼େଙ୍ଗା ପୁରୁଷ ବି କମ୍ ଉଚ୍ଚତାର ମହିଳାଙ୍କୁ ପସନ୍ଦ କରନ୍ତି। କାରଣ କମ ଉଚ୍ଚତାର ମହିଳାଙ୍କ ପାଖରେ ସେମାନେ ଅଧିକ ଡ଼େଙ୍ଗା ଲାଗନ୍ତି, ଯାହାକି ସେମାନଙ୍କ ଆତ୍ମବିଶ୍ୱାସ ବଢାଏ। ଯଦିଓ ସବୁ କ୍ଷେତ୍ରରେ ଏହା ଦେଖିବାକୁ ମିଳି ନ ଥାଏ।

# ଘର ନା ଓଲଟା ଡ଼ଙ୍ଗା



ଏଇ ପୃଥିବୀରେ ଅଜବ ସ୍ଥାନର ଅଭାବ ନାହିଁ। ଯେମିତିକି ଉତ୍ତର ଫ୍ରାନ୍ସ ର ଇଂଲିଶ ଚ୍ୟାନେଲ୍ ତଟରେ ଥିବା ଏକ ଛୋଟିଆ ସମୁଦ୍ର କୂଳିଆ ଗାଁ 'ଇକ୍ୱିହେନ ପ୍ଲାଜ୍'। ପ୍ରାୟ ୩୦୦୦ ଅଧିବାସୀ ଥିବା ଏହି ଗ୍ରାମର ବିଶେଷତ୍ୱ ହେଉଛି ଯେ, ଏଠାକାର ସବୁ ଘର ଓଲଟା ଡଙ୍ଗା ସଦୃଶ। ତେଣୁ ଉକ୍ତ ଗାଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି। ବିଂଶ ଶତାବ୍ଦିର ପ୍ରାରମ୍ଭରେ ଏହି ଗାଁ କେବଳ ଏକ ମାଛଧରାଳୀଙ୍କ ଗାଁ ଥିଲା। ଏହି ଗାଁକୁ ଡ୍ରାଏ ହାର୍ବର ବି କୁହାଯାଉଥିଲା। ତେବେ ପରବର୍ତ୍ତୀ ସମୟରେ ସେଠାକାର ଅଧିବାସୀ ଅଦରକାରୀ ବଡ଼ ବଡ଼ ଡ଼ଙ୍ଗାକୁ ଟାଣି ଟାଣି ନେଇ ଉଚ୍ଚ ସ୍ଥାନରେ ଓଲଟା କରି ରଖି ତା'ଉପରେ ଆଲକାତାରା ଢାଳି ଡ଼ଙ୍ଗାଗୁଡିକୁ ୱାଟରପ୍ରୁଫ୍ କରିଥିଲେ। ଆଉ ଦୁଇ ପାର୍ଶ୍ୱକୁ କାଟି କବାଟ ଓ ଝରକା କରି ଡ଼ଙ୍ଗାକୁ ଘର କରିଥିଲେ। ଏହି ଡ଼ଙ୍ଗା ଘର ଭିତରେ ଡ଼ଙ୍ଗା ଲମ୍ବର କୋଠରୀ ସହ ରୋଷେଇ ଘର, ଶୋଇବା ରୁମ୍ କରାଯାଉଥିଲା। ଫଳରେ ଡ଼ଙ୍ଗାଗୁଡିକ ରହିବାଯୋଗ୍ୟ ଘର ପାଲଟିଯାଉଥିଲା। ସେତେବେଳେ ଏମିତି ଅନେକ ଓଲଟା ଡ଼ଙ୍ଗା ଘର ଥିଲା। ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଘରଗୁଡିକ ନଷ୍ଟ ହୋଇଗଲା। ତେବେ ୧୯୯୦ରେ ଏଠାକାର ଅଧିବାସୀ ପୁରୁଣା ପରମ୍ପରାକୁ ପୁନର୍ଜୀବୀତ କରିବାକୁ ନିଷ୍ପତ୍ତି ନେଲେ। ଆଉ ଅନେକ ଓଲଟା ଡ଼ଙ୍ଗାର ଘର ତିଆରି କଲେ। ଯଦ୍ୱାରା ଇକ୍ୱିହେନ ପ୍ଲାଜ୍ ଗାଁ ପୁଣିଥରେ ଓଲଟା ଡ଼ଙ୍ଗାର ଗାଁ ପାଲଟିଗଲା। ଏବେ ଏହି ଗାଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି।




ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# କେବଳ ସତ ଉପଦେଶକଙ୍କୁ ମାନିବା ଜରୁରୀ

କେଉଁ ଏକ ପୁରାତନ କାଳରୁ ସଂଖ୍ୟାଗରିଷ୍ଠତାର ରାୟକୁ ଆଇନ ବା ଧର୍ମର ଜୟ ବୋଲି ମନାଯାଉଥିଲା ବେଳେ ଅଧୁନା ସାମାଜିକ ଜୀବନରେ ଏମିତି କିଛି ଘଟଣା ବା ଦୁର୍ଘଟଣା ଘଟୁଛି, ଯାହାକୁ ନେଇ ସାଧାରଣ ଲୋକଟିର ମନରେ ସନ୍ଦେହର ସୂର୍ଯ୍ୟ ଉଙ୍କି ମାରୁଛି ଯେ ସଂଖ୍ୟାଗରିଷ୍ଠତାର ସିଦ୍ଧାନ୍ତ ପ୍ରକୃତରେ ନ୍ୟାୟିକ ନିଷ୍ପତ୍ତି ନା ଦୁର୍ବଳମାନଙ୍କ ଉପରେ ହୁକୁମାତି ଦେଖାଇ ନିଜସ୍ୱ କୁତ୍ସିତ ସ୍ୱାର୍ଥ ସାଧନ କରିବାର ଏକ ସୁବର୍ଣ୍ଣ ସୁଯୋଗ ନା ସଂଖ୍ୟାଲ୍ପମାନଙ୍କ ମତକୁ ଚାପି ଦେଇ ଏକ ପୈଶାଚିକ ଆନନ୍ଦରେ ମସ୍‌ଗୁଲ ହେବାର ଦୁର୍ନିବାର ପ୍ରୟାସ ? ? ? ନିର୍ବାଚନ ହେଉ ବା ସର୍ବସାଧାରଣରେ କୌଣସି ଏକ କାର୍ଯ୍ୟ କରିବା ହେଉ – ଏ ସବୁ କ୍ଷେତ୍ରରେ ସଂଖ୍ୟାଗରିଷ୍ଠତାର ମତ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ସଂଖ୍ୟାଗରିଷ୍ଠତା ବହୁ ସମୟରେ ଅନେକ ଅଡୁଆ ସୂତାକୁ ଠିକ୍ କରିବାରେ ସହାୟକ ମଧ୍ୟ ହୋଇଥାଏ । କିନ୍ତୁ ଏ କଥାଟି ସବୁବେଳେ ଠିକ୍ ସାବ୍ୟସ୍ତ ହୋଇ ନ ପାରେ । କଲୋନୀରେ ଭୋଟ ହେବ – ଏ ବର୍ଷ ଯଜ୍ଞରେ ଯାତ୍ରାପାର୍ଟି ପକାଇବା ନା ପ୍ରବଚନ କରିବା ? ଏବେର ସମୟ ଆଉ ପରିସ୍ଥିତି ଯାହା, ନବେ ପ୍ରତିଶତ ଭୋଟ ଆସିବ ଯାତ୍ରା ସପକ୍ଷରେ । ବିଶେଷକରି ଅଦୂରଦର୍ଶୀ ଗୁଡ଼ିଏ ଯୁବକ ଯାତ୍ରା ନାଁ ଶୁଣୁ ଶୁଣୁ ଆଗକୁ ଡେଇଁ ପଡ଼ିବେ । ଏମାନଙ୍କ ବହୁ ମତ ସାମ୍ନାରେ ନିଷ୍ପ୍ରଭ ହୋଇଯାଏ ଯଜ୍ଞ ପରି ପବିତ୍ର କାର୍ଯ୍ୟ ସମୟରେ ପ୍ରବଚନ ବା ପାଲା ପରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ଆଶା ବାନ୍ଧିଥିବା ବାକି ଦଶ ପ୍ରତିଶତ ଭଦ୍ର ଲୋକଙ୍କ ସ୍ୱର ଆଉ ସ୍ୱାକ୍ଷର । କ'ଣ ନା ମେଜେରିଟି ଯୁଆଡେ ଗଲାନା ।

ସଂଖ୍ୟାଗରିଷ୍ଠତା ଯେ କେବଳ ସମସ୍ୟା ସମାଧାନରେ ସହାୟକ ହୁଏ ତା' ନୁହେଁ, ବେଳେ ବେଳେ ଏହା ଅବାଞ୍ଛିତ ଅହଂକାରକୁ ବି ଆମନ୍ତ୍ରଣ କରେ । ସଂଖ୍ୟାଗରିଷ୍ଠତାରେ ବିଭୋର ବ୍ୟକ୍ତି, ଅନୁଷ୍ଠାନ ବା ଗୋଷ୍ଠୀ ଧୀରେ ଧୀରେ ନିଜ ଅଜାଣତରେ ଅନ୍ୟାୟ ଆଉ ଅନୀତିର ଇଲାକା ଭିତରକୁ ଧସେଇ ପଶିଯାନ୍ତି । କାରଣ ଆକଟ କରିବାକୁ, ଅଟକାଇବାକୁ ବା ବିରୋଧ କରିବାକୁ କେହି ତ ସବଳ ପ୍ରତିପକ୍ଷ ନ ଥାନ୍ତି ନା । ଯଦିବି କେହି ଥାନ୍ତି, ତେବେ ଗରିଷ୍ଠତାର ଅହମିକାରେ ଅନ୍ୟର ପରାମର୍ଶ, ବିରୋଧ ବା ଉପଦେଶଗୁଡିକୁ 'ଦୁର୍ବଳର ଆତ୍ମ ଚିତ୍କାର ' ବୋଲି ମନେକରି ଗରିଷ୍ଠତାବାଦୀମାନେ ଗୋଟିଏ ପରେ ଗୋଟିଏ ଧର୍ମର ଶିକୁଳିକୁ ଦଳି ମକଚି ଛିଣ୍ଡାଇ ପକାଇ ବେଶ୍ ଦ୍ରୁତ ଗତିରେ ଆଗୁସାର ହୋଇପଡ଼ନ୍ତି । ଅନ୍ୟାୟକୁ ନ୍ୟାୟର ରଙ୍ଗ ଦେଇ, ଅନୀତିକୁ ନୀତିର ଖୋଳପା ପିନ୍ଧାଇ, କୁକର୍ମକୁ ସୁକର୍ମର ଆଖ୍ୟା ଦେଇ ନିଜ ପୌରୁଷତ୍ୱକୁ ପ୍ରକଟ କରାଇ ଏକ ପୈଶାଚିକ ଆନନ୍ଦରେ ବିଭୋର ହୋଇପଡ଼ନ୍ତି । ନିଜେ କରୁଥିବା ସମସ୍ତ କାର୍ଯ୍ୟକୁ ଶତ ପ୍ରତିଶତ ଠିକ୍ ବୋଲି ଭାବି ପରମ ଆହ୍ଲାଦରେ ବାଟ ଚାଲୁଥାନ୍ତି । ସଂଖ୍ୟାଗରିଷ୍ଠତାର ଅହଂରେ ଅନ୍ଧ ହୋଇ ନିଜକୁ 'ମୁଁ ହିଁ ସମୟର କର୍ତ୍ତା ', 'ଆମେ ଯାହା କହିବୁ ତାହା ହିଁ ହେବ' ଭାବନାରେ ବାଟ ଚାଲୁଥିବା ଜୀବ ସେ ଶାସକ ହେଉ ବା ପ୍ରଶାସକ, ଅନୁଷ୍ଠାନର ସଭାପତି ହେଉ ବା ଗାଁ ମୁଖିଆ – ସଭିଏଁ ଏବେ 'ସଂଖ୍ୟାଗରିଷ୍ଠତା'କୁ ନିଜର ହସ୍ତ ମୁଦି ମାହାଲ ବୋଲି ଭାବିସାରିଲେଣି, ଯାହା ସମାଜ ପାଇଁ ଆଦୌ ଶୁଭ



ଲକ୍ଷଣର ଦ୍ୟୋତକ ନୁହେଁ । ଅହଂକାର ବିଜଡିତ ବା ସଂକୀର୍ଣ୍ଣ ସ୍ୱାର୍ଥ ସମ୍ବଳିତ 'ସଂଖ୍ୟାଗରିଷ୍ଠତା'ର ନିଷ୍ପତ୍ତି ଯେ କେତେ ଭୟଙ୍କର ତାହା ଆଜିକାଲି ବିଭିନ୍ନ ଜାଗାରେ ବସୁଥିବା ' କଙ୍ଗାରୁ କୋର୍ଟ ' ଦ୍ୱାରା ସହଜରେ ଅନୁମେୟ ।

କିଛି ସମୟ ପାଇଁ ସମୟକୁ ଭୁଲିଯାଉଥିବା ଏହି ଗରିଷ୍ଠତାବାଦୀମାନେ ଥରେ ବି ଗୀତା, ଭାଗବତ ବା ମହାଭାରତର ପ୍ରସଙ୍ଗଗୁଡ଼ିକୁ ନିଜ ଖିଆଲକୁ ଆଣିପାରନ୍ତି ନାହିଁ । ମହାଭାରତର ପୃଷ୍ଠା ଓଲଟାନ୍ତୁ । ଯୁଦ୍ଧ କାହିଁକି ହେଲା ? କ'ଣ ଥିଲା ଏହାର ମୂଳ କାରଣ ? ? କାରଣ ହେଉଛି ଗୋଟିଏ । ସଂଖ୍ୟା ଗରିଷ୍ଠତାର ଅହଂକାର । ଦୁର୍ଯ୍ୟୋଧନର ମନରେ ଥିଲା ସଂଖ୍ୟାଗରିଷ୍ଠତାର ଅନେକ ଭୂତ । ପ୍ରଥମ ଭୂତ – ପାଣ୍ଡବ ହେଉଛନ୍ତି ମାତ୍ର ପାଞ୍ଚ । ଆମେ ହେଲୁ ସଂଖ୍ୟାରେ ଶହେ । ପାଞ୍ଚ କ'ଣ କେବେ ଶହେକୁ ପରାଜିତ କରିପାରେ ? ଶହେ ବିକଟାଳ ସ୍ୱର ସମ୍ମୁଖରେ ସରଳ ପାଞ୍ଚ ସ୍ୱରର ଗର୍ଜନ କେତେ ସମୟ ପର୍ଯ୍ୟନ୍ତ ତିଷ୍ଠିରହିବ ଯେ ? ସୁତରାଂ ଆମେ ଯାହା କହିବୁ ସେୟା । ମେଜେରିଟି ଇଜ୍ ଗ୍ରାଣ୍ଟେଡ ।

କେବଳ ସେତିକି ନୁହେଁ, ସୈନ୍ୟ ସଂଖ୍ୟାର ଗରିଷ୍ଠତାର ଦ୍ୱିତୀୟ ଭୂତ ବି ଦୁର୍ଯ୍ୟୋଧନ ମନରେ ସାର ହୋଇ ରହିଥିଲା, ଯାହା ତାହାର ଅହଂକାରକୁ ଶତଗୁଣିତ କରି ଗଢ଼ିତୋଳୁଥିଲା । ପାଣ୍ଡବଙ୍କର ମାତ୍ର ସାତ ଅକ୍ଷହିଣୀ ସୈନ୍ୟ, କିନ୍ତୁ ଆମର ଏଗାର । ଯୁଦ୍ଧରେ ସୈନ୍ୟ ସଂଖ୍ୟାର ଆଧିକ୍ୟ ହିଁ ଅନେକ ସମୟରେ ବିଜୟ ବୈଜୟନ୍ତୀ ଉଡ଼ାଇବାର ସାମର୍ଥ୍ୟ ରଖିଥାଏ । ସାତ କ'ଣ କେବେ ଏଗାରକୁ ଆଖି ଟେକି ଅନାଇପାରେ ? ଅସମ୍ଭବ । ନିହାତି ଅସମ୍ଭବ ।

ଗରିଷ୍ଠତାର ଯେଉଁ ତୃତୀୟ ଭୂତଟି ଦୁର୍ଯ୍ୟୋଧନକୁ ବେଶ୍ ଆହ୍ଲାଦିତ କରୁଥିଲା ତାହା ଥିଲା ଓଜନଦାର ବ୍ୟକ୍ତିତ୍ୱମାନଙ୍କ ଉପସ୍ଥିତି । ଦୁର୍ଯ୍ୟୋଧନ ପକ୍ଷରେ ଥିଲେ ମହାରଥୀ ଭୀଷ୍ମ, ଶାସ୍ତ୍ରବିଦ୍ୟା ପାରଙ୍ଗମ ଗୁରୁ ଦ୍ରୋଣ , ଏକାଙ୍ଗ ଚକ୍ରବର୍ତ୍ତୀ ମହାବୀର କର୍ଣ୍ଣ । କେବଳ ଅର୍ଜୁନକୁ ଛାଡ଼ିଦେଲେ ଆଉ କିଏ ଏମିତିଆ ଯୋଦ୍ଧା ଥିଲେ କି ପାଣ୍ଡବ ପକ୍ଷରେ ? ଏଥିରେ ଦୁର୍ଯ୍ୟୋଧନ ଅହଂକାରୀ ନ ହେବ ବା କେମିତି ? ସାମାନ୍ୟ ଦାସୀ ପ୍ରତି ପୂର୍ବରୁ କେହି କୁଦୃଷ୍ଟି ପକାଇବାର ଉଦାହରଣ ନ ଥିବା ହସ୍ତିନାପୁରରେ ଦୁର୍ଯ୍ୟୋଧନ କେବଳ ସଂଖ୍ୟାଗରିଷ୍ଠତାର ମଦଦରେ ସେଦିନ ଭାରି ସଭାରେ ଯାଜ୍ଞସେନୀଙ୍କୁ ଦୁଃଶାସନ ଦ୍ୱାରା ବିବସ୍ତ୍ର କରାଇବାର ଦୁଃସାହସ ଜୁଟାଇ ପାରିଥିଲା, ଯାହା ଅଦ୍ୟାବଧି ସଂଖ୍ୟାଗରିଷ୍ଠତା ଦ୍ୱାରା କରାଯାଉଥିବା ପାପର ସର୍ବୋଚ୍ଚ ସୀମାକୁ ଅତିକ୍ରମ କରିଯାଇଥିବାର ମନେହୁଏ ।

ସଂଖ୍ୟାଗରିଷ୍ଠତାର ପୋତରେ ସାରଥି ହୋଇ ବାଟ ଚାଲୁଥିବା ଅଦୂରଦର୍ଶୀ ଏବଂ ଅହଂକାରୀ ବ୍ୟକ୍ତିମାନେ ମହାଭାରତର ଶେଷ ଚିତ୍ରକୁ ମନରୁ ପାସୋରି ନ ଯାଆନ୍ତୁ । ଯାହାଙ୍କୁ ନେଇ ଯୁଦ୍ଧର ଉତ୍ପତ୍ତି, ସେଇ ଦୁର୍ଯ୍ୟୋଧନର ଦଶା ଶେଷରେ କ'ଣ ହୋଇଛି ତାହା କାହାକୁ ଅଛପା ନାହିଁ । ସରୋବର କୂଳରେ ଭୀମର ପ୍ରଚଣ୍ଡ ଗଦାଘାତରେ ଜୀବନ ଯୁଦ୍ଧର ଅନ୍ତିମ ଅତି କ୍ଷଣରେ ଅତି କଲବଲ ଅବସ୍ଥାରେ ପ୍ରାଣ ତ୍ୟାଗ କରିବା ଗରିଷ୍ଠତାବାଦୀ କେବଳ ଅହଂକାରୀ ଦୁର୍ଯ୍ୟୋଧନମାନଙ୍କ ଜୀବନରେ ହିଁ ଘଟିଥାଏ ।

ଭଲ ଥିବା ସମୟ ଯେତେବେଳେ କଡ଼ ଲେଉଟାଏ ସେତେବେଳେ ସମାପ୍ତ ହୋଇଯାଏ ସଂଖ୍ୟା ଖେଳର ଶିଡ଼ିରେ ଉପରକୁ ଉଠି ସମାଜକୁ ହେୟ ମନେକରୁଥିବା ଗରିଷ୍ଠତାବାଦୀଙ୍କ ଯାତ୍ରା । ତଳକୁ ଖସିବାର ପର୍ବ ତତ୍‌କ୍ଷଣାତ ଆରମ୍ଭ ହୋଇଯାଏ । ଭବିଷ୍ୟତରେ ଆସୁଥିବା ଏଇ ସମୟକୁ ଏ ଧରଣର ଅହଂକାରୀ ବ୍ୟକ୍ତିମାନଙ୍କୁ ଏବେଠୁ ଟିକେ ହେଜେଇଦେବା ହିଁ ଏ ପ୍ରବନ୍ଧର ଉଦ୍ଦେଶ୍ୟ । ସେମାନେ ଜାଣି ରଖିବା ଉଚିତ ଯେ, କ୍ଷମତା ବା ମୁଖିଆ ପଦବୀର ଡୋରି ହାତରୁ ଚାଲିଗଲା ପରେ ଇତିହାସକାରଙ୍କ କଲମ ମୋତେ କେଉଁ ଚରିତ୍ରରେ ଚିତ୍ରିତ କରିବ ? ଠିକ୍ କଂସ, ରାବଣ, ଦୁର୍ଯ୍ୟୋଧନ ପରି ନା ଗାନ୍ଧୀ, ଗୋପବନ୍ଧୁ, ବୋଷଙ୍କ ପରି ?

ଅହଂକାରୀ ପ୍ରତ୍ୟେକ ଗରିଷ୍ଠତାବାଦୀ ଆଉ ଗୋଟିଏ କଥାକୁ ମନେ ରଖିବା ଦରକାର ଯେ ସେମାନଙ୍କ ଚିରସ୍ଥାୟୀ କୀର୍ତ୍ତି ନିର୍ଭର କରେ ନିଜ ପାଖରେ ଥିବା ଉପଦେଶକମାନଙ୍କ ସଂସ୍କାର ଏବଂ ସାଧୁତା ଉପରେ । ଶକୁନି ପରି ଶଠ ଚରିତ୍ରର ବ୍ୟକ୍ତି ଯଦି ଉପଦେଷ୍ଟା ସାଜନ୍ତି ତେବେ ବଂଶ ନାଶ ହେବା ଥୟ । ଅପଯଶରେ ଆକ୍ରାନ୍ତ ହେବା ନିଶ୍ଚିତ । କପଟୀ ଶକୁନି ନୁହେଁ, କୂଟଜ୍ଞ ଶ୍ରୀକୃଷ୍ଣ ବା ଦରକାର ପଡ଼ିଲେ ଗୋଷ୍ଠୀରେ ଥାଇ ବି କଟୁ ଉପଦେଶ ଦେବାକୁ ପଛଘୁଞ୍ଚା ଦେଉ ନ ଥିବା ବିଦୂରମାନଙ୍କ ପରି ଉପଦେଶକଙ୍କ ଉପଦେଶ ଗ୍ରହଣ କରିବାରେ ହିଁ ଅହଂପୂର୍ଣ୍ଣ ଗରିଷ୍ଠତାବାଦୀଙ୍କ ମଙ୍ଗଳ ନିହିତ ଥାଏ । ନଚେତ ସଂଖ୍ୟାଗରିଷ୍ଠତାରେ ମଦମତ୍ତ ଥିବା ସଗର ରାଜାଙ୍କ ଶତ ପୁତ୍ର ଯେଭଳି କପିଳ ମୁନିଙ୍କ ଅଭିଶାପକୁ ଆମନ୍ତ୍ରଣ କରି ପାଉଁଶରେ ପରିଣତ ହୋଇଥିଲେ,ଦିନ ଆସିବ ଅହଂକାରୀ ଗରିଷ୍ଠତାବାଦୀଙ୍କ ସକଳ ଔଦ୍ଧତ୍ୟ ସେପରି ଯେ ମାଟିରେ ମିଶି ନ ଯିବ, ଏ କଥା କେବଳ ସମୟ ହିଁ କହିବ । ସୁତରାଂ ଅପେକ୍ଷା କେବଳ ସମୟକୁ । ହଁ, କେବଳ ସମୟକୁ ।


*–ପ୍ରିନ୍ସିପାଲ, ଆପେକ୍ସ ଆଇ. ଟି. ଆଇ,*
*ପତ୍ରକଣା, କସର୍ଦା, କଟକ*
*ମୋ –୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ବାଲି ଦ୍ୱୀପରେ କିଛି ଦିନ

**ବିବେକାନନ୍ଦ ପାଣିଗ୍ରାହୀ , ପ୍ରକାଶକ– ସର୍ଜନା, ପାଣିଗ୍ରାହୀ ସାହି ଗୋସାଇଁନୂଆଗାଁ, ବ୍ରହ୍ମପୁର–୩ ମୂଲ୍ୟ– ୧୩୦ଟଙ୍କା**

ବାଲିଦ୍ୱୀପ ଭ୍ରମଣ କାହାଣୀକୁ ନେଇ ବିବେକାନନ୍ଦ ପାଣିଗ୍ରାହୀଙ୍କ ରଚିତ ଭ୍ରମଣ କାହାଣୀ ପୁସ୍ତକ । ଏଥିରେ ୧୬ଟି ବିଷୟ ଉପରେ ପାଣିଗ୍ରାହୀ ଆଲୋଚନା କରିଛନ୍ତି । ଭ୍ରମଣର ପ୍ରସ୍ତୁତି ପର୍ବଠାରୁ ଆରମ୍ଭ କରି ବରୁଣ ରାଜ୍ୟରୁ ବିଦାୟରେ ଶେଷ କରିଛନ୍ତି । ପୁସ୍ତକରେ ଶେଷରେ ଅନେକ ରଙ୍ଗୀନ ଓ କଳାଧଳା ଫଟୋ ସ୍ଥାନ ପାଇଛି । ଯେଉଁଥିରେ ଭ୍ରମଣରେ ଯାଇଥିବା ସମସ୍ତେ ଏକାଠି ହୋଇ ମଜା ନେଇଛନ୍ତି । କଳିଙ୍ଗ ବଣିକମାନଙ୍କ ଆଗମନ ବାଲିବାସୀଙ୍କ ପାଇଁ ଥିଲା ଏକ ଆଶୀର୍ବାଦ । ଅନୁନ୍ନତ ଦୀପ ରାଜ୍ୟ ବାଲିରେ ଗଢି ଉଠିଲା ଅର୍ଥନୈତିକ ଓ ସାମାଜିକ ବିକାଶ । କଳିଙ୍ଗ ଶିଳ୍ପୀଙ୍କ ଦ୍ୱାରା ପ୍ରତିଷ୍ଠିତ କଳା ଓ ସ୍ଥାପତ୍ୟକୁ ସେମାନେ ଅଧିକ ଉନ୍ନତ ଶୈଳୀରେ ପ୍ରକାଶ କଲେ । ସେଥିରେ ଯୋଡିଲେ ଆପଣାର ସ୍ୱାତନ୍ତ୍ର୍ୟ ଓ ସୃଜନ କଳା । ତେବେ ଲେଖକ ପାଣିଗ୍ରାହୀଙ୍କ ଭ୍ରମଣ ପୁସ୍ତକଟି ଉଚ୍ଚକୋଟୀର । ତାହା ନିଶ୍ଚୟ ବାଲିଦ୍ୱୀପ ଉପରେ ଏକ ତଥ୍ୟ ସମ୍ବଳିତ ପୁସ୍ତକ ।




### ଦୁର୍ଲଭ ସାଧୁଙ୍କ ଚରିତ

**ସନ୍ତୋଷ କୁମାର ସାହୁ, ପ୍ରକାଶକ–ସୃଜନ ସ୍ୱପ୍ନ ବଡ଼ଗଡ଼ ବ୍ରିଟ୍ କଲେନୀ, ଭୁବନେଶ୍ୱର –୧୮ ମୂଲ୍ୟ–୧୫୦ଟଙ୍କା**

ଦୁର୍ଲଭ ସାଧୁଙ୍କ ଚରିତ ପ୍ରଥମ ଭାଗରେ ସନ୍ତୋଷ କୁମାର ସାହୁ ୨୫ ସାଧୁଙ୍କ ବିଷୟରେ ଆଲୋଚନା କରିଛନ୍ତି । ବଳିରାଜା କଥାଠାରୁ ଆରମ୍ଭ କରି ଭକ୍ତ ମ୍ଳେଚ୍ଛରେ ଶେଷ କରିଛନ୍ତି । ପୁସ୍ତକରେ କେବଳ ସାଧୁ ସନ୍ଥଙ୍କ ମହତ୍ ବାଣୀ ରହିଛି ତାହା ନୁହେଁ, ଏଥିରେ ଭକ୍ତି, ସେବା, ଆତ୍ମ ବିଶ୍ୱାସ, ଜଗନ୍ନାଥଙ୍କ ଅଲୌକିକ ମହିମା,ସଂସ୍କୃତି ଓ ପରମ୍ପରା ମଧ୍ୟ ରହିଛି । ଆଧୁନିକ ଜୀବନରେ ଆଧ୍ୟାତ୍ମିକତା ଲୋପ ପାଇପାଇ ଯାଉଛି । ଆଉ ଗୁରୁଜନ ମାନଙ୍କୁ ଭକ୍ତି କିମ୍ବା ପାଦ ଛୁଇଁ ପ୍ରଣାମ ଦେଖାଯାଉନି । ସାମ୍ପ୍ରତିକ ଜୀବନରେ ବିଶୃଙ୍ଖଳା ବେଶି ଦେଖାଯାଉଛି । ପୁସ୍ତକରେ ଲେଖକ ଯେଉଁ ଚରିତ୍ରଗୁଡିକୁ ଏକାଠି କରିଛନ୍ତି ସେମାନଙ୍କୁ ପାଠକରି ତାଙ୍କ ଗୁଣ, ଆଦର୍ଶ, ଦୟା, କ୍ଷମା, ତ୍ୟାଗ, ଭକ୍ତି ଓ ସହିଷ୍ଣୁତାକୁ ଜୀବନରେ ଲଗାଇ ପାରିଲେ ତାହା ହିଁ ଆମ ମାନଙ୍କ ଲାଗି ହେବ ଶ୍ରେଷ୍ଠ ।




### ତୁମେ ଅଛ ବୋଲି

**ଲେଖକ– ଶ୍ରୀ ପ୍ରସାଦ ମହାନ୍ତି ପ୍ରକାଶକ– ପଶ୍ଚିମା ପବ୍ଲିକେଶନ୍‌ସ ନୟାପଲ୍ଲୀ, ଭୁବନେଶ୍ୱର, ମୂଲ୍ୟ– ୧୯୯ଟଙ୍କା**

ତୁମେ ଅଛ ବୋଲି ଶ୍ରୀ ପ୍ରସାଦ ମହାନ୍ତିଙ୍କ ଗଳ୍ପ ପୁସ୍ତକ । ଏଥିରେ ୧୮ଟି ଗଳ୍ପ ସ୍ଥାନୀତ ହୋଇଛି । ଗଳ୍ପଗୁଡିକ ସୂକ୍ଷ୍ମ ଅନୁଭବ ଓ ଜୀବନ ଧର୍ମୀ ହେବା ସହ ସାମାଜିକ ସ୍ଥିତିର ଏକ ବଳିଷ୍ଠ ଚିତ୍ର ପାଠକଙ୍କ ଆଗରେ ଦୃଶ୍ୟମାନ ହୋଇଥାଏ । ପ୍ରେମ, ବିରହ, ସମ୍ପର୍କ ଓ ସମ୍ବେଦନର ପ୍ରତିଫଳନ ଶ୍ରୀପ୍ରସାଦଙ୍କ ଗଳ୍ପର ଅନନ୍ୟ ଅଳଙ୍କାର । ଯେମିତି ପ୍ରଥମ ଗଳ୍ପ ନାଚାର ନିର୍ବାଣରେ ସୁନନ୍ଦା ଚରିତ୍ରକୁ ବର୍ଣ୍ଣନା କରିଛନ୍ତି ତାହା ଭାବ ଗର୍ଭକ । ଲେଖକ ଗଳ୍ପର ଶେଷରେ କହିଛନ୍ତି, ଏଇ ଜନ୍ମର ନିସ୍ପୃହତା ଓ ଅସହାୟତା ପାଇଁ ମୋତ ଦୟାକରି କ୍ଷମା କରିଦିଅ । ତେବେ ମୋର କୌଣସି ପଦକ୍ଷେପ ତୁମର କ୍ଷତି ନ କରୁ । ଏମିତିକି ମଶାଣିର ପାଉଁଶ ମୋର ତୁମ ଆଖିରେ ନ ପଡୁ କି ତୁମକୁ କଷ୍ଟ ନ ହେଉ । ଚରିତ୍ରକୁ ଗାଳ୍ପିକ ଏମିତି ବର୍ଣ୍ଣନା କରିଛନ୍ତି ଯେ, ତାଙ୍କୁ ମୋହାଚ୍ଛନ୍ନ ଓ ବାସ୍ମାମୟ କରିଛି ।



ବ୍ୟାକ୍ ପେଜ୍

# ଲୁଣରେ ତିଆରି ହୋଟେଲ

ଲୁଣ ବିନା ଖାଦ୍ୟରେ ସ୍ୱାଦ ଆସେନା । କହିବାକୁ ଗଲେ ଖାଦ୍ୟର ଏକ ମୁଖ୍ୟ ଉପାଦାନ ହେଉଛି ଲୁଣ । ତେବେ ଏହି ଲୁଣକୁ ଖାଦ୍ୟ ବ୍ୟତିତ ଆଉ କେଉଁଥିରେ କ'ଣ ବ୍ୟବହାର କରାଯାଏ ?ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ହୋଟେଲ ଅଛି, ଯାହା ସମ୍ପୂର୍ଣ୍ଣଭାବେ ଲୁଣରେ ତିଆରି । ଦକ୍ଷିଣ ଆମେରିକାର ଆଣ୍ଡିଜ ପର୍ବତମାଳାରେ ଏହି ହୋଟେଲ ଅଛି । ଉକ୍ତ ହୋଟେଲର ଆସବାବପତ୍ର, କାନ୍ଥ, ଚଟାଣ,




ସଜାଯାଇଥିବା ମୂର୍ତ୍ତି ସବୁକିଛି ଲୁଣରେ ତିଆରି । ଖାଦ୍ୟ ବି ଏଠାରେ ଲୁଣର ମିଳେ । ବଲିଭିଆର ଐତିହାସିକ ହ୍ରଦ ସଲାର ଡି ଉଇୟୁନୀ ତଟରେ ଥିବା ଏହି ହୋଟେଲର ନାମ ହେଉଛି 'ହୋଟେଲ ପାଲାସିୟୋ ଡି ସାଲ', ଯାହାର ଅର୍ଥ ହେଉଛି ଲୁଣର ମହଲ । ଏହି ତଟରେ ୪୦୦୦ ବର୍ଗ ମାଇଲର ଲୁଣର ମରୁଭୂମି ଅଛି । ଲୁଣ ମରୁଭୂମିରେ ଥିବା ଉକ୍ତ ହୋଟେଲକୁ ଆସୁଥିବା ଲୋକେ ଏକ ନିଆରା ଅନୁଭୂତି ସାଉଁଟନ୍ତି । କେହି କେହି ତ ଏହାର କାନ୍ଥ, ଆସବାବପତ୍ର ଚାଟି ଚେକ୍ କରନ୍ତି ସତରେ ଏହା ଲୁଣରେ ତିଆରି କି ନାହିଁ । ଉକ୍ତ ହୋଟେଲକୁ ତିଆରି କରିବା ଲାଗି ୨ ବର୍ଷ ସମୟ ଲାଗିଥିଲା ।



# ସିରିଞ୍ଜ ପେଣ୍ଟିଂ

ଫିଲିପାଇନ୍ସ, ଭାଲାଡୋଲିଡ୍‌ରେ ରହୁଥିବା କିମ୍ବରଲି ଜୟ ମାଗ୍‌ବନୁଆଙ୍କର ପିଲାଦିନୁ ଚିତ୍ରକଳା ପ୍ରତି ଥିଲା ଅହେତୁକ ଭଲ ପାଇବା । ହେଲେ ଏନେଇ ସେ କୌଣସି ତାଲିମ୍ ନେଇ ପାରି ନ ଥିଲେ । ଆଉ ବଡ ହେବା ପରେ ସେ ହେଲେ ନର୍ସ । ରୋଗୀ ସେବାରେ ବିତାଇଲେ ସମୟ । କିନ୍ତୁ ଅନ୍ତର୍ନିହୀତ କଳାଟି ବାହରକୁ ବାହାରିବା ପାଇଁ ଖୋଜୁଥିଲା ରାସ୍ତାଟିଏ । ଶେଷରେ କିମ୍ବର୍‌ଲି ଦିନେ ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ ଦେବାବେଳେ ଭାବିଲେ ସିରିଞ୍ଜରେ ଚିତ୍ର କଲେ କେମିତି ହେବ । ଆଉ ତାକୁ ବାସ୍ତବ ରୂପ ଦେବା ପାଇଁ କାନ୍‌ଭାସ୍‌ରେ ଅନେକ ପରୀକ୍ଷା ନିରୀକ୍ଷା କଲେ । ଶେଷରେ ସେ ଆରମ୍ଭ କଲେ ଚିତ୍ର କରିବାର ଏକ ନୂଆ ତରିକା । ସିରିଞ୍ଜରେ ରଙ୍ଗ ପୂରାଇ କାନ୍‌ଭାସ୍‌ରେ ତିଆରି କଲେ ଅଦ୍ଭୁତ ଚିତ୍ରସବୁ । ବର୍ତ୍ତମାନ ସେ ରୋଗୀଙ୍କ ସେବା କରିବା ସହ ଜଣେ ଭଲ ଚିତ୍ରଶିଳ୍ପିଭାବେ ମଧ୍ୟ ବେଶ୍ ପରିଚିତ । ତାଙ୍କ ଚିତ୍ରଗୁଡିକ ଫିଲିପାଇନ୍ସର କିଛି ବଡ ବଡ ୱେବସାଇଟ୍‌ରେ ପ୍ରଦର୍ଶିତ ହେଉଛି । ଗୋଟେ ପେଣ୍ଟିଂ କରିବାକୁ ତାଙ୍କୁ ୪-୫ ଘଣ୍ଟା ସମୟ ଲାଗେ । ଏହା ମଧ୍ୟରେ ଅନେକ ଥର ଛୁଞ୍ଚି ବଦଳେଇବାକୁ ପଡିଥାଏ । କାରଣ ରଙ୍ଗ ଯୋଗୁ ତାହା ଜାମ୍ ହୋଇଯାଏ । ଏହି କାମ ସହଜ ଲାଗିଲେ ବି ଆଦୌ ସହଜ ନୁହେଁ । ସିରିଞ୍ଜର ପ୍ଲଞ୍ଜରରେ କେତେ ଚାପ ପକାଇ ଚିପିଲେ ଆବଶ୍ୟକ ମାତ୍ରାର ରଙ୍ଗ ବାହାରିବ ତାହା ଜାଣିବା ଜରୁରୀ । ନଚେତ ଅଧିକ ରଙ୍ଗ ବାହାରି ପେଣ୍ଟିଂ ନଷ୍ଟ ହେବାର ଆଶଙ୍କା ଥାଏ ବୋଲି ୨୪ ବର୍ଷୀୟା କିମ୍ବରଲି କହନ୍ତି ।











# ହ୍ୟାଟ୍ ଫେଷ୍ଟିଭାଲ୍

ଷ୍ଟାଇଲିଶ୍ ହ୍ୟାଟ୍ ପିନ୍ଧିବାକୁ ଅନେକଙ୍କୁ ଭଲ ଲାଗେ । ତେବେ ଜାଣନ୍ତିକି ଏଇ ହ୍ୟାଟ୍‌କୁ ନେଇ ଏକ ପ୍ରତିଯୋଗିତା ବି ଆୟୋଜନ ହୁଏ । ଯାହାର ନାଁ 'ବ୍ରିଡପୋର୍ଟ ହ୍ୟାଟ୍ ଫେଷ୍ଟିଭାଲ୍' । ପ୍ରତିବର୍ଷ ଇଂଲଣ୍ଡରେ ପାଳିତ ହେଉଥିବା ଏହି ମହୋତ୍ସବରେ ପ୍ରତିଯୋଗୀଙ୍କୁ ବିଭିନ୍ନ ପ୍ରକାରର ମଜାଦାର ହ୍ୟାଟ୍ ପିନ୍ଧିବାକୁ ହୁଏ । ଯାହାର ହ୍ୟାଟ ସବୁଠୁ ଭିନ୍ନ ଓ ମଜାଦାର ସେ ହୁଅନ୍ତି ବିଜୟୀ । ପୁରୁଷ, ମହିଳା, ପୁଅ, ଝିଅ, ଦମ୍ପତି, ପରିବାର ଏମିତି ଅନେକ ବିଭାଗରେ ଏହି ପ୍ରତିଯୋଗିତା ହୁଏ । ବହୁ ଦୂର ଦୂରାନ୍ତରୁ ହଜାର ହଜାର ପ୍ରତିଯୋଗୀ ପିନ୍ଧି ଆସିଥିବା ଅଜବ ଓ କୌତୁକିଆ ହ୍ୟାଟ୍ ଉତ୍ସବକୁ ବେଶ୍ ରଙ୍ଗିନ ଓ ମଜାଦାର କରାଏ । ତେବେ ଉକ୍ତ ମହୋତ୍ସବ କେବଳ ମଜାମସ୍ତି ପାଇଁ ନୁହେଁ ବରଂ ଏହା ଚାରିଟି ସହ ବି ସଂଶ୍ଲିଷ୍ଟ । ଏଥିରୁ ସଂଗୃହୀତ ଅର୍ଥ ଜନହିତକର କାର୍ଯ୍ୟରେ ବ୍ୟବହାର କରାଯାଏ ।



